RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -275 | ସଂଖ୍ୟା-୨୭୫
ଭୁବନେଶ୍ୱର, ଶୁକ୍ରବାର ୧୬ ଜାନୁଆରୀ ୨୦୨୬
Bhubaneswar, Friday 16 January, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଆଜି ଇରାନରୁ ଫେରିବେ ଛାତ୍ରଛାତ୍ରୀଙ୍କ ପ୍ରଥମ ବ୍ୟାଚ୍



ନୂଆଦିଲ୍ଲୀ,୧୫।୧: ଇରାନରେ ଅନିଶ୍ଚିତତା, ଅରାଜକତା ଓ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସେଠାରେ ଫସି ରହିଥିବା ହଜାର ହଜାର ଭାରତୀୟ ଛାତ୍ରଛାତ୍ରୀଙ୍କୁ ଭାରତ ତୁରନ୍ତ ଫେରାଇ ଆଣିବାକୁ ଚାହୁଁଛି। ଏହି ସମୟରେ ଜମ୍ମୁ-କାଶ୍ମୀର ଷ୍ଟୁଡେଣ୍ଟସ୍ ଆସୋସିଏସନ୍ କହିଛି ଯେ, ଇରାନ୍ କର୍ତ୍ତୃପକ୍ଷଙ୍କ ଅନୁମତି ଅନୁଯାୟୀ ସେଠାରେ ଅଧ୍ୟୟନ କରୁଥିବା କେନ୍ଦ୍ରଶାସିତ ଅଞ୍ଚଳର ପ୍ରଥମ ବ୍ୟାଚ୍ ଶୁକ୍ରବାରଠାରୁ ଫେରିବାର ସମ୍ଭାବନା ରହିଛି। ଛାତ୍ରଛାତ୍ରୀ, ତୀର୍ଥଯାତ୍ରୀ, ବ୍ୟବସାୟୀ ଓ ପର୍ଯ୍ୟଟକଙ୍କ ସମେତ ଭାରତୀୟ ନାଗରିକଙ୍କୁ ବାଣିଜ୍ୟିକ ବିମାନ ସମେତ ଉପଲବ୍ଧ ପରିବହନ ସୁବିଧା ମାଧ୍ୟମ ଇରାନ ଛାଡିବାକୁ ପରାମର୍ଶ ଦିଆଯାଇଛି।

ଆସୋସିଏସନର ଜାତୀୟ ଆବାହକ ନାସିର ଖୁଏହାମି କହିଛନ୍ତି, ଆମେ କାଶ୍ମୀରର ଛାତ୍ରଙ୍କ ସମେତ ଅନେକ ଭାରତୀୟ ଛାତ୍ରଙ୍କ ସହ କଥା ହୋଇଛୁ, ଯେଉଁମାନେ ଇରାନର ଶିରାଜ, ଆରାକ, ଟିୟୁଏମ୍ଏସ୍ ଓ ସହିଦ ବେହେସ୍ତି ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଟିକେଟ୍ ବୁକ୍ କରିସାରିଛନ୍ତି ଏବଂ ପରିବର୍ତ୍ତିତ ପରିସ୍ଥିତି ଓ ଇରାନ ସରକାରଙ୍କ ଅନୁମତି ଅନୁଯାୟୀ ଆସନ୍ତାକାଲିଠାରୁ ଫେରିବେ ବୋଲି ଆଶା କରାଯାଉଛି। ଆମେରିକାର ସମ୍ଭାବ୍ୟ ସାମରିକ କାର୍ଯ୍ୟାନୁଷ୍ଠାନକୁ ନେଇ ଚିନ୍ତା ମଧ୍ୟରେ ଇରାନ ସାମୟିକ ଭାବରେ ବନ୍ଦ କରିବା ପରେ ଏହାର ବାୟୁସୀମା ଖୋଲିଛି। ଖୁଏହାମି କହିଛନ୍ତି ଯେ, ଗୁରୁତର ସୁରକ୍ଷା ବିପଦ, ଲଜିଷ୍ଟିକ୍ ଚ୍ୟାଲେଞ୍ଜ ଓ ନିର୍ଭରଯୋଗ୍ୟ ପରିବହନ ତଥା ଯୋଗାଯୋଗର ସୀମିତ ସୁବିଧା ହେତୁ ଅନେକ ଛାତ୍ରଙ୍କ ପାଇଁ ସ୍ୱ-ବ୍ୟବସ୍ଥା ପ୍ରସ୍ଥାନ ସମ୍ଭବ ନୁହେଁ। ବର୍ତ୍ତମାନର ଅସ୍ଥିର ପରିସ୍ଥିତି ମଧ୍ୟରେ ଜମ୍ମୁ-କାଶ୍ମୀରର ୨୦୦୦ ସମେତ ଦେଶର ହଜାର ହଜାର ଛାତ୍ରଛାତ୍ରୀ ଏବେ ଇରାନରେ ଫସି ରହିଛନ୍ତି।

ଇରାନରେ ଫସି ରହିଥିବା କାଶ୍ମୀରୀ ଛାତ୍ରଙ୍କ ସମେତ ଭାରତୀୟ ନାଗରିକଙ୍କ ଉଦ୍ଧାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ର ସଂଘ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ୍ ଜୟଶଙ୍କରଙ୍କୁ ଅନୁରୋଧ କରିଛି। ଭାରତ ସରକାର ମଧ୍ୟ ଏ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ପିଡିପି ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫତି ମଧ୍ୟ ଇରାନରେ ଥିବା ଦେଶର ହଜାର ହଜାର ଛାତ୍ରଙ୍କ ପାଇଁ ଚିନ୍ତା ପ୍ରକଟ କରିଛନ୍ତି।

## ଓଡିଶାକୁ ନାହିଁ ନିପା ଭୟ

ଭୁବନେଶ୍ୱର,୧୫।୧(ନି.ପ୍ର.): ଓଡିଶାକୁ ନାହିଁ ନିପା ଭୟ। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ନିର୍ଦ୍ଦେଶ ନଦେବା ଯାଏଁ ଓଡିଶାରେ କୌଣସି ଅସୁବିଧା ନାହିଁ।

ସୂଚନା ମୁତାବିକ, ପଶ୍ଚିମବଙ୍ଗରେ ନିପା ଭାଇରସରେ ଦୁଇ ଜଣ ହସ୍ପିଟାଲର ସ୍ୱାସ୍ଥ୍ୟକର୍ମୀ ଆକ୍ରାନ୍ତ ହୋଇଥିବା ଖବର ମିଳିଛି। ହେଲେ ଏନେଇ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶନାମା ଜାରି କରି ନାହାନ୍ତି। ୨୦୨୩ ମାର୍ଗଦର୍ଶିକାକୁ ପାଳନ କରାଯାଉଛି। କେନ୍ଦ୍ର ନିର୍ଦ୍ଦେଶ ନ ଦେବା ଯାଏଁ ଓଡ଼ିଶାରେ କୌଣସି ଅସୁବିଧା ନାହିଁ।

ଓଡ଼ିଶାରେ ବର୍ତମାନ ସୁଦ୍ଧା କୌଣସି ନିପା ଭାଇରସ ରୋଗୀ ଚିହ୍ନଟ ହୋଇନି। ଭାରତ ସରକାରଙ୍କ ଏକ ଟିମ୍ ପଶ୍ଚିମବଙ୍ଗ ଯାଇ କାମ କରୁଛନ୍ତି। ଓଡ଼ିଶା ସରକାର ବି କେନ୍ଦ୍ର ସହ ଯୋଗାଯୋଗରେ ଅଛନ୍ତି। ପଶ୍ଚିମବଙ୍ଗରର ମାତ୍ର ଦୁଇଟି ମାମଲା ଆସିଛି, ହେଲେ ବ୍ୟାପିବାର ଖବର ଆସିନାହିଁ। ଯେଉଁଥି ପାଇଁ ଓଡ଼ିଶାକୁ ବର୍ତ୍ତମାନ ଭୟ କରିବା ଦରକାର ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

ପଶ୍ଚିମବଙ୍ଗରେ ନିପା ସଂକ୍ରମଣ ମାମଲା ସାମ୍ନାକୁ ଆସିବା ପରେ ଓଡିଶାରେ ଏବେ ସତର୍କ ଘଣ୍ଟି ବାଜିଛି। ବିଶେଷକରି ପଶ୍ଚିମବଙ୍ଗ-ଓଡିଶା ସୀମାନ୍ତ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ସଂକ୍ରମିତ ଘୁଷୁରୀ, ବାଦୁଡିଙ୍କ ଠାରୁ ଏହି ଭୂତାଣୁ ମଣିଷର ଶରୀର ଆସିବା ପରେ ଲୋକଙ୍କ ମଧ୍ୟରେ କ୍ଷୀପ୍ର ଗତିରେ ବ୍ୟାପିଥାଏ। ତେଣୁ ସଚେତନ ଓ ସତର୍କତା ହିଁ ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଚେତାଇଛନ୍ତି। ବାହାରୁ ଫେରୁଥିବା ଲୋକେ ଯଦି ଦୀର୍ଘଦିନ ଧରି ଥଣ୍ଡା, ଜ୍ୱର, ମୁଣ୍ଡ ବିନ୍ଧା ଆଦି ରୋଗରେ ପୀଡିତ ରହିବେ, ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେବାକୁ ପରାମର୍ଶ ଦେଇଛି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ।

## ରାଜଧାନୀରେ ମୁକୁଳା ଡ୍ରେନ୍ ନେଲା ଜୀବନ

ଭୁବନେଶ୍ୱର,୧୫।୧(ନି.ପ୍ର.):ରାଜଧାନୀରେ ଅଘଟଣ। ଡ୍ରେନରେ ପଡି ଚାଲିଗଲା ଯୁବକଙ୍କ ଜୀବନ। ଭୁବନେଶ୍ୱର ସାଲିଆସାହିରେ ଥିବା ଏକ ମୁକୁଳା ଡ୍ରେନରେ ଖସିପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ସେହି ବସ୍ତିର ସିନୁ ଗାଗରାଇ।ଘଟଣା ମୁତାବିକ, ବିଏମସି ତରଫରୁ ନୂଆ ରାସ୍ତା ପାଇଁ ପ୍ରସ୍ତୁତ ହେଉଥିବା ରାସ୍ତା କଡ ଡ୍ରେନରେ ଗୋଡ ଖସିଯିବାରୁ ମୁକୁଳା ଡ୍ରେନରେ ପଡିଯାଇଥିଲେ ସେହି ବସ୍ତିର ସିନୁ ଗାଗରାଇ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହେଲେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ଡାକ୍ତର। ଘଟଣାକୁ ନେଇ ବିଏମସି ପକ୍ଷରୁ ପ୍ରତିକ୍ରିୟା ମିଳିପାରିନି। ଅନ୍ୟପଟେ ଯୁବକଙ୍କ ମୃତ୍ୟୁରେ ପରିବାର ସଦସ୍ୟ ଗଭୀର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପୀଡ଼ିତ ପରିବାରଙ୍କୁ ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ପ୍ରତି ମାସରେ ସଚିବ ଓ ଜିଲ୍ଲାପାଳଙ୍କ ବୈଠକ



ଭୁବନେଶ୍ୱର,୧୫।୧(ନି.ପ୍ର.): ଏଣିକି ପ୍ରତି ମାସରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ସମୀକ୍ଷା କରାଯିବ। ବଳକା ଥିବା ବଜେଟକୁ କିପରି ଖର୍ଚ୍ଚ କରାଯିବ ଗୁରୁବାର ଖାରବେଳ ଭବନରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଆଜି ବସିଥିବା ସଚିବ ସ୍ତରୀୟ ବୈଠକରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି, ବଜେଟ ଖର୍ଚ୍ଚ, ଖାଲି ଥିବା ପଦବୀ ପୂରଣ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। କେଉଁ ବିଭାଗର କେତେ ପଦବୀ ଖାଲି ରହିଛି ଏବଂ କ'ଣ ପଦକ୍ଷେପ ନିଆଯାଇଛି ସେ ନେଇ ଆଲୋଚନା ହୋଇଛି। ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତି ଶନିବାର ଭିତ୍ତିଭୂମି ଉପରେ ସମୀକ୍ଷା ବୈଠକ ହେବ। ବର୍ତ୍ତମାନ ସୁଦ୍ଧା ବଜେଟର ୫୦ ପ୍ରତିଶତ ଖର୍ଚ୍ଚ ହୋଇଛି। ଆଉ ବଳକା ବଜେଟ ଆଗାମୀ ଅଢ଼େଇ ମାସ ଭିତରେ ଦୃତ ଗତିରେ ଖର୍ଚ୍ଚ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ସେହିପରି ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଦେଇଥିବା ୧୫ସୂତ୍ରୀ ଉପରେ ବିଭାଗ ଗୁଡିକ କ'ଣ ପ୍ରସ୍ତୁତି କରିଛନ୍ତି ତା ଉପରେ ବୈଠକରେ ଆଲୋଚନା ହୋଇଛି। ପାନୀୟ ଜଳ ପ୍ରକଳ୍ପ ବିଳମ୍ବିତ ହୋଇ ରହିଛି। ସଚିବମାନେ ଫିଲ୍ଡ ଭିଜିଟ ବେଳେ ମେଗା ପାନୀୟ ଜଳ ପ୍ରକଳ୍ପକୁ ଗୁରୁତ୍ୱ ଦେଇ ସମୀକ୍ଷା କରିବେ। ପ୍ରତି ମାସ ୧୬ ତାରିଖରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରାଯିବ। ଗୋଟିଏ ନିର୍ଦ୍ଦିଷ୍ଟ ଦିନ ରହିଲେ ଅନ୍ୟ ଦିନ ବୈଠକ ନଡାକି ସେହିଦିନ ବୈଠକ କରିବାକୁ ସହଜ ହେବ। ଯଦ୍ୱାରା ସେଦିନ ଆଉ କେହି ଅନ୍ୟ କାର୍ଯ୍ୟକ୍ରମ ରଖିବେ ନାହିଁ। ପ୍ରତିମାସ ୧୫ ତାରିଖରେ କେବଳ ସଚିବ ମାନଙ୍କ ବୈଠକ ବସିବ। ସେହିପରି ପ୍ରତି ମାସର ତୃତୀୟ ମଙ୍ଗଳବାରରେ ସ୍ୱିଙ୍ଗିଲ୍ ଓ୍ୱିଣ୍ଡୋ ପ୍ରକଳ୍ପ ଉପରେ ସମୀକ୍ଷା କରାଯିବ। ଜିଲ୍ଲାପାଳ ଓ ସଚିବଙ୍କ ମଧ୍ୟରେ ସହଜରେ ଆଲୋଚନା ହୋଇପାରିବ।

## ଗୋଟିଏ ରାତିରେ ୩୪ ଅପରାଧୀଙ୍କୁ ବାନ୍ଧିଲା ପୁଲିସ

ଆସିକା,୧୫।୧: ଗଞ୍ଜାମ ଆସିକା ପୁଲିସ୍‌କୁ ବଡ ସଫଳତା। ଗୋଟିଏ ରାତିରେ ବନ୍ଧାହେଲେ ୩୪ ଅପରାଧି। ଆସିକା ପୁଲିସ ଉପଖଣ୍ଡରେ ମିଳିତ ଚଢ଼ଉ କରାଯାଇ ୭ ଏମ୍.ଏମ୍ ମାଉଜର ସହିତ ୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ବେଆଇନ ମଦ ପ୍ରସ୍ତୁତି ବେଳେ ୫ଜଣ ଓ ଜୁଆଆଡ୍ଡାରେ ଚଢ଼ାଉ କରି ୨୭ ଜଣଙ୍କୁ ଗିରଫ କରାଯାଇଛି। ଆସିକା ଏସଡିପିଓ ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଆସିକା ପୁଲିସର ଏକ ଟିମ୍ ଥାନାଧିକାରୀ କୁଳମଣି ସେଠୀଙ୍କ ସହିତ କାଳକ୍ଷଣ୍ଡପୁର ନିକଟ ରଷିକୁଲ୍ୟା ନଦୀ ବ୍ରିଜ୍ ଉପରେ କଡା ଚେକିଂ କରି ଦୁଇ ଜଣଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ଦୁଇଟି ୭ ଏମ୍.ଏମ୍ ମାଉଜର ଓ ୩ଟି ଗୁଳି ଜବତ କରିଛି। ଗିରଫ ଅଭିଯୁକ୍ତଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିଲା।

## ମମତାଙ୍କୁ ଝଟ୍‌କା ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୫।୧: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଇଡି ମଧ୍ୟରେ ଚାଲିଥିବା ବିବାଦରେ ବଡ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ମମତା ବାନାର୍ଜୀଙ୍କୁ ସୁପ୍ରିମକୋର୍ଟରେ ଲାଗିଛି ବଡ ଝଟକା। ଇଡି ଅଧିକାରୀଙ୍କ ବିରୋଧରେ ବେଙ୍ଗଲ ପୁଲିସ୍ ରୁଜୁ କରିଥିବା ୩ଟି ଯାକ ଏଫଆଇଆର ଉପରେ ରୋକ ଲଗାଇ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ଏଥିସହ ରାଜନୀତିକ ପରାମର୍ଶଦାତା ଫାର୍ମ ଆଇ-ପିଏସି ଅଫିସରେ ଇଡି କରିଥିବା ରେଡର ସମସ୍ତ ସିସିଟିଭି ଫୁଟେଜକୁ ସଂରକ୍ଷିତ ରଖିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଜାନୁଆରୀ ୮ ତାରିଖରେ ଇଡି ପକ୍ଷରୁ ରାଜନୀତିକ ପରାମର୍ଶଦାତା ଫାର୍ମ ଆଇ-ପିଏସିର ଅଫିସ ଓ ଏହାର ନିର୍ଦ୍ଦେଶକ ପ୍ରତୀପ ଜୈନଙ୍କ ବିଭିନ୍ନ ଠିକଣାରେ ରେଡ କରାଯାଇଥିଲା। ଏଥିରେ ଟିଏମସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଧା ସୃଷ୍ଟି କରିଥିବା ଇଡି ଅଭିଯୋଗ କରି ସୁପ୍ରିମକୋର୍ଟ ଦ୍ୱାରସ୍ଥ ହୋଇଥିଲା। ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ବେଙ୍ଗଲ ସରକାରଙ୍କୁ ନୋଟିସ କରିଛନ୍ତି। ୩ ଦିନ ମଧ୍ୟରେ ବେଙ୍ଗଲ ସରକାର ନୋଟିସର ଜବାବ ଦେବେ। ସେହିପରି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩ ଯାଏ ସର୍ବୋଚ୍ଚ ଅଦାଲତ ଘୁଞ୍ଚାଇ ଦେଇଛନ୍ତି।

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରା ଓ ଜଷ୍ଟିସ ବିପୁଲ ଏମ ପାଞ୍ଚଲି ମାମଲାର ଶୁଣାଣି କରି ବେଙ୍ଗଲ ସରକାରଙ୍କୁ ଜବାବ ତଲବ କରିଛନ୍ତି। ଜାନୁଆରୀ ୮ରେ ମମତା ବାନାର୍ଜୀ ଓ କିଛି ନିର୍ଦ୍ଦିଷ୍ଟ ପୁଲିସ୍ ଅଧିକାରୀ ମିଳିତ ଭାବେ ଇଡି କାର୍ଯ୍ୟରେ ବାଧା ସୃଷ୍ଟି କରିଥିବା ଅଭିଯୋଗ ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ଏପରି ନୋଟିସ କରିଛନ୍ତି।

ଖଣ୍ଡପୀଠ ପୂର୍ବରୁ ଘଟଣାକୁ ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ ବୋଲି କହିବା ସହ ଏହା ଉପରେ ଗଭୀର ନ୍ୟାୟିକ ଯାଞ୍ଚର ଆବଶ୍ୟକତା ରହିଥିବା କହିଥିଲେ। ଖଣ୍ଡପୀଠ ଇଡିର ଆବେଦନ ଉପରେ ବେଙ୍ଗଲ ସରକାରଙ୍କ ପକ୍ଷ ଜାଣିବାକୁ ଚାହିଁଛନ୍ତି। ଜାନୁଆରୀ ୮ ତାରିଖ ଘଟଣାର ସିବିଆଇ ତଦନ୍ତ ପାଇଁ ଇଡି ଦାବି କରିଥିବାରୁ କୋର୍ଟ ବେଙ୍ଗଲ ସରକାରଙ୍କୁ ଜବାବ ତଲବ କରିଛନ୍ତି।

ଜାନୁଆରୀ ୮ ରେଡ ଘଟଣାରେ ବେଙ୍ଗଲ ପୁଲିସ ଇଡିର ଅଧିକାରୀମାନଙ୍କ ବିରୋଧରେ ୩ଟି ଏଫଆଇଆର ରୁଜୁ କରିଥିଲା। କିନ୍ତୁ ଫେବୃଆରୀ ୩ ତାରିଖ ପରବର୍ତ୍ତୀ ଶୁଣାଣି ଯାଏ ସୁପ୍ରିମକୋର୍ଟ ସମସ୍ତ ଏଫଆଇଆର ଉପରେ ରୋକ ଲଗାଇ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ଯାଏ ରାଜ୍ୟ ସରକାର ଜାନୁଆରୀ ୮ ତାରିଖ ଘଟଣା ସହ ଜଡିତ ସମସ୍ତ ସିସିଟିଭି ଫୁଟେଜକୁ ସଂରକ୍ଷିତ କରି ରଖିବାକୁ ମଧ୍ୟ କୋର୍ଟ ବେଙ୍ଗଲ ସରକାରଙ୍କୁ କହିଛନ୍ତି।

## ନିଶାରେ କାର୍ ଚଳାଇ ଧକ୍କା : ଜଣେ ମୃତ



ପାରାଦୀପ,୧୫।୧(ନି.ପ୍ର.): ଦିନକୁ ଦିନ ବଢ଼ି ଚାଲୁଛି ପାରାଦୀପ ରେ ନିଶାସକ୍ତ ଯୁବକଙ୍କ ଉନ୍ମୁକ୍ତକାଣ୍ଡ। କେତେବେଳେ କାହା ପରିବାର ଉଜାଡି ଦେଉଛନ୍ତି ତ ଆଉ କାହାକୁ ପଙ୍ଗୁ କରି ଦେଉଛନ୍ତି। ଅନେକ ଉଦାହରଣ ଥିଲେ ସୁଦ୍ଧା ପାରାଦୀପ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ ସମ୍ମୁଖରେ ବୁଧବାର ରାତିରେ ଘଟିଥିବା ଦୁର୍ଘଟଣା ସମୟରେ ଜଣେ ଦିନମଜୁରିଆ ର ଜୀବନ ଚାଲିଯାଇଥିବା ବେଳେ ଦୁର୍ଘଟଣା ଘଟାଇ ଥିବା ଯୁବକଙ୍କର ଏକ ଭିଡିଓ ଭାଇରାଲ୍ ହେଉଛି। ଯୁବକ ଜଣଙ୍କ ଆକଣ୍ଠ ମଦ୍ୟପାନ କରି କାର କୁ ଏତେ ସ୍ପିଡ଼ ରେ ଚଳାଉ ଥିଲେ ଦେଖଣାହାରୀ ଆଖି ବନ୍ଦ କରି ଦେଇଥିଲାବେଳେ ସମୁଦ୍ରକୂଳ କୁ ବୁଲିବାକୁ ଆସିଥିବା ଲୋକ ମାନେ ଭୟରେ ଥରିଥିଲେ। କାର ଚାଳକ ନିଶାଶକ୍ତ ଅବସ୍ଥାରେ ତାର ପରିଚୟ ଦେବା ସହିତ କହୁଛି ମୋତେ ପ୍ରଶ୍ନ କର ମୁଁ ତାର ଉତ୍ତର ରଖିବି। ପରେ ଇଂରାଜୀ ରେ କଥା କହିବା ସହିତ ସାଧାରଣ ଜନତା ଙ୍କ ଉପରେ ଉତ୍ୟକ୍ତ ହୋଇ ଆକ୍ସିଡେଣ୍ଟ କାହାର ହୋଇଛି,ଗାଡି କାହାର, ଗାଡି ମୋର ବୋଲି କହିବା ସହିତ ସମସ୍ତଙ୍କୁ ଇଂରାଜୀ ରେ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସାଧାରଣ ଜନତା ତାକୁ ଉତମ ମଧ୍ୟମ ଦେଇ ଛେଚିବା ପରେ ଜଣେ ତାଙ୍କ ଗାଡି ଧକ୍କାରେ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇ ମୃତ ବ୍ୟକ୍ତି କୁ ଧରି ଭାଇଭାଇ ବୋଲି ଡାକି ମୁହଁରେ ଚୁମା ଦେଇଥିଲା। ତେବେ ଯୁବକ ଜଣଙ୍କ ନିଶାଶକ୍ତ ଅବସ୍ଥାରେ ସମୁଦ୍ର କୂଳରୁ ଦୃତଗତିରେ ଗାଡି ଚଲାଇ ଲୁନାରେ ଘରକୁ ଫେରୁଥିବା ପାରାଦୀପ ଷଣ୍ଢକୁଦ ଅଞ୍ଚଳର ଅଜୟ କରଣଙ୍କ ଉପରକୁ ମାଡିଯାଇଥିଲା। ଦୁର୍ଘଟଣା ଏପରି ଥିଲା ଯେ ଘଟଣା ସ୍ଥଳରେ ଅଜୟ କିରଣ ଙ୍କ ଜୀବନ ଚାଲିଯାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା କାର୍‌ଟିଓଲଟିପଡିଥିଲା। କାର୍‌ରେ ଦୁଇ ଜଣ ନିଶାଶକ୍ତ ଯୁବକ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଲାଗିଥିବା ବେଳେ ପାରାଦୀପ ଆଦର୍ଶଥାନା ପୋଲିସ ପହଞ୍ଚିଲୋକମାନଙ୍କୁ ବୁଝାସୁଝା କରିବା ସହ ଗୁରୁତର ଙ୍କୁ ହସପିଟାଲ ପଠାଇଥିଲେ।

## ବିବାହ ପ୍ରତିଶ୍ରୁତି ଦେଇ ୨୨ ଲକ୍ଷ ଠକେଇ

ଭୁବନେଶ୍ୱର:୧୫।୧(ନି.ପ୍ର.) ମାଟ୍ରିମୋନିରେ ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ଠାରୁ ୨୨ ଲକ୍ଷ ଲୁଟି ନେଇଗଲେ ନକଲି ଡାକ୍ତର। ନକଲି ପେଷା ସହିତ ନକଲି ପରିଚୟ। ଏନେଇ ଭୁବନେଶ୍ୱର ପାହାଳ ଥାନାରେ ଅଭିଯୋଗ ହୋଇଛି। କମିଶନରେଟ୍ ପୋଲିସ ନକଲି ଡାକ୍ତର ରଞ୍ଜୀବ କୁମାର ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସୂଚନା ମୁତାବକ, ୨୦୨୧ରେ ନକଲି ଡାକ୍ତର ପ୍ରକାଶ ପ୍ରଧାନ ଓରଫ୍ ରଞ୍ଜୀବ ପ୍ରଧାନ ମାଟ୍ରିମୋନି ସାଇଟରେ ଏକ ପ୍ରୋଫାଇଲ୍ ଖୋଲିଥିଲେ। ପ୍ରୋଫାଇଲରେ ସେ ନିଜକୁ ଜଣେ ଡାକ୍ତର ବୋଲି ଲେଖିଥିଲେ। ପ୍ରକାଶ ପ୍ରଧାନ ବାହାରେ ଭଲ ଚାକିରି କରୁଥିବା ନିଜ ସାନଭାଇ ତୁଷାର ପ୍ରଧାନ ସହ ବିବାହ କରିବା ପାଇଁ ଜଣେ ଯୁବତୀଙ୍କ ଯୋଗାଯୋଗରେ ଆସିଥିଲେ। ସାନ ଭାଇ ତୁଷାର ରାୟଗଡ଼ା ଏସବିଆଇରେ ଡେପୁଟି ମ୍ୟାନେଜର ଥିବା ଯୁବତୀଙ୍କୁ କହିଥିଲେ। ଏହା ପରେ ଉକ୍ତ ଯୁବତୀଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିଥିଲେ। ଏମିତିକି ଯୁବତୀଙ୍କ ବାପାଙ୍କ ସହିତ ପ୍ରକାଶ ଏବଂ ତୁଷାର କଥା ହୋଇଥିଲେ। ଏହା ପରେ ଟଙ୍କା ଲୁଟିବା ପାଇଁ ଜାଲ୍ ବୁଣିଥିଲେ। ପ୍ରଥମେ କୋଭିଡରେ ଟଙ୍କା ଦରକାର ଥିବା ନେଇ ଟଙ୍କା ମାଗିଥିଲେ। ସେହିପରି ବିଭିନ୍ନ ସମୟରେ ଟଙ୍କା ନେବା ଆରମ୍ଭ କରିଥିଲେ। ଏପରି ୨୨ ଲକ୍ଷ ଟଙ୍କା ନେଇଥିଲେ।

## ମଧୁସ୍ମିତା ହତ୍ୟା ଘଟଣାର ପର୍ଦ୍ଦାଫାସ



ଅନୁଗୋଳ,୧୫।୧(ନି.ପ୍ର.): ଦେଢ଼ ମାସ ପରେ ନାଲକୋ କଲୋନୀ ମଧୁସ୍ମିତା ପ୍ରଧାନ ହତ୍ୟା ମାମଲାର ପର୍ଦ୍ଦାଫାସ କରିଛି ପୁଲିସ। ଏକ ତରଫା ପ୍ରେମରୁ ତପନ ସାହୁ ନାମକ ଜଣେ ପାଇପ ମିସ୍ତ୍ରୀ ତାଙ୍କୁ ହତ୍ୟା କରିଥିବା ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଅନୁଗୋଳ ଏସ୍‌ପି ରାହୁଲ ଜୈନ। ମଧୁସ୍ମିତାଙ୍କୁ ୩୭ ବର୍ଷ ହୋଇଥିଲା। ସେ ବାହା ହୋଇଥିଲେ। ତାଙ୍କ ସ୍ୱାମୀ ଜଣେ ନାଲକୋ କର୍ମଚାରୀ। ସ୍ୱାମୀଙ୍କ ସହିତ ମଧୁସ୍ମିତା ନାଲକୋ କଲୋନୀର ଗୁଣ୍ଡିଚା ମନ୍ଦିର ଅଞ୍ଚଳରେ ଥିବା କ୍ୱାର୍ଟର୍ସ ନମ୍ବର 'ବି ୨୦୦୧'ରେ ରହୁଥିଲେ। ଗିରଫ ଅଭିଯୁକ୍ତ ତପନ ସାହୁଙ୍କ ଘର ଅନୁଗୋଳ ସଦର ଥାନା ବାରସିଂହା ଗାଁରେ। ସେ ନାଲକୋର ଜଣେ ଠିକାଦାରଙ୍କ ପାଖରେ ପାଣି ପାଇପ ମିସ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ମଧୁସ୍ମିତାଙ୍କୁ ଏକ ତରଫା ପ୍ରେମ କରୁଥିଲେ ତପନ। ଘଟଣା ଦିନ ଅର୍ଥାତ୍ ଗତ ଡିସେମ୍ବର ୧ ତାରିଖରେ ସେ ମଧୁସ୍ମିତାଙ୍କ ଘରକୁ ପାଣି ପାଇପ୍ ସମ୍ବନ୍ଧୀୟ କିଛି କାର୍ଯ୍ୟ କରିବା ପାଇଁ ଯାଇଥିଲେ। ସେଠାରେ ସେ ମଧୁସ୍ମିତାଙ୍କୁ ପ୍ରେମ ନିବେଦନ କରିଥିଲେ। ଏହା ଶୁଣି ମଧୁସ୍ମିତା ରାଗି ଯାଇଥିଲେ। ତାଙ୍କ ନାଁରେ ପୁଲିସରେ ଅଭିଯୋଗ କରିବେ ବୋଲି ଧମକ ଦେଇଥିଲେ ମଧୁସ୍ମିତା। ଏହା ଶୁଣି ତପନ ଏକ ଓଣୀରେ ତାଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିଲା। ଏହି ପୂରା ଘଟଣା ଚୋରମାନେ ଘଟାଇଛନ୍ତି ବୋଲି ସମସ୍ତଙ୍କ ମନରେ ଧାରଣା ସୃଷ୍ଟି କରିବା ପାଇଁ ତପନ ସେଠାରୁ ଫେରାର ହେବା ବେଳେ ମଧୁସ୍ମିତାଙ୍କ କାନଫୁଲ ଓ ମଙ୍ଗଳସୂତ୍ର ନେଇଯାଇଥିଲେ। ତେବେ ତାଙ୍କ ଯୋଜନା ଫେଲ୍ ମାରିଲା। ଅପରେସନ୍ ସାଇଲେଣ୍ଟ କୋବ୍ରା ମାଧ୍ୟମରେ ପୁଲିସ ତାଙ୍କ ପାଖରେ ପହଞ୍ଚିଗଲା।ଅନୁଗୋଳ ଏସ୍‌ପି ରାହୁଲ ଜୈନ କହିଛନ୍ତି ଯେ ମଧୁସ୍ମିତାଙ୍କୁ ଏକ ତରଫା ପ୍ରେମ କରୁଥିଲେ ଅଭିଯୁକ୍ତ ତପନ ସାହୁ। ସେ ପୂର୍ବରୁ ବି ଦୁଇ ତିନି ଥର ମଧୁସ୍ମିତାଙ୍କ ଘରକୁ କାମ କରିବାକୁ ଯାଇଥିଲେ। ଘଟଣା ଦିନ (ଗତ ଡିସେମ୍ବର ୧ ତାରିଖ) ସେ ମଧୁସ୍ମିତାଙ୍କୁ ପ୍ରେମ ନିବେଦ କରିଥିଲେ। ମଧୁସ୍ମିତା ଏହାର ପ୍ରତିବାଦ କରିଥିଲେ। ମଧୁସ୍ମିତାଙ୍କ ଏହି କଥା ଶୁଣି ଭୟରେ ତଥା ଉତ୍ତ୍ୟକ୍ତ ହୋଇ ଏକ ଓଣୀରେ ତପନ ତାଙ୍କ ତଣ୍ଟିକୁ ଚିପି ହତ୍ୟା କରିଥିଲେ। ତା'ପରେ ମଧୁସ୍ମିତାଙ୍କ କାନଫୁଲ ଓ ଅନ୍ୟ ସୁନାଗହଣା ନେଇ ପଳାଇ ଯାଇଥିଲା। ସେ ଏହି ପୂରା ଘଟଣାକୁ ଚୋରିର ରୂପ ଦେବାକୁ ପ୍ରୟାସ କରିଥିଲା। ନାଲକୋ ଆଇଆଇସିଙ୍କ ତତ୍ତ୍ୱାବଧାନରେ ଏହି ଘଟଣାର ତଦନ୍ତ କରାଯାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହିତ ସେ ନେଇଯାଇଥିବା ସୁନାଗହଣାକୁ ଜବତ କରାଯାଇଛି। ଅଭିଯୁକ୍ତ ତାଙ୍କ ଦୋଷ ସ୍ୱୀକାର କରିଛନ୍ତି।

## ଭୁବନେଶ୍ୱର ବିମାନ ବନ୍ଦରରେ ଯାତ୍ରା କରିଛନ୍ତି ରେକର୍ଡ ସଂଖ୍ୟକ ଯାତ୍ରୀ




ଭୁବନେଶ୍ୱର,୧୫।୧(ନି.ପ୍ର.): ସାମ୍ନାକୁ ଆସିଲା ୨୦୨୫ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଯାତ୍ରା କରିଥିବା ଯାତ୍ରୀଙ୍କ ରେକର୍ଡ ସଂଖ୍ୟା। ୨୦୨୫ରେ ବିମାନ ଯାତ୍ରୀ ଯାତାୟାତ କ୍ଷେତ୍ରରେ ଉକ୍ତ ବିମାନବନ୍ଦର ସର୍ବକାଳୀନ ରେକର୍ଡ ହାସଲ କରିଛି। ବର୍ଷକରେ ମୋଟ ୩୮ ହଜାର ୫୪୭ଟି ବିମାନ ଉଡ଼ାଣ ଓ ଅବତରଣ କରିଥିବାବେଳେ, ୫୧ ଲକ୍ଷ ୫୨ ହଜାର ୭୬୫ ଯାତ୍ରୀ ଯାତାୟାତ କରିଛନ୍ତି। ପୂର୍ବବର୍ଷଗୁଡ଼ିକରେ ଏତେ ସଂଖ୍ୟକ ଯାତ୍ରୀ ଯାତାୟାତ କରୁ ନଥିଲେ।

ବିଜୁ ପଟ୍ଟନାୟକ ବିମାନ ବନ୍ଦର ଯାତ୍ରୀ ପରିବହନ କ୍ଷେତ୍ରରେ ଦେଶରେ ୧୩ତମ ସ୍ଥାନରେ ରହିଛି। ବର୍ତ୍ତମାନ ଉକ୍ତ ବିମାନ ବନ୍ଦରରୁ ଦେଶ ଓ ବିଦେଶର ମୋଟ ୨୮ଟି ସହରକୁ ବିମାନ ଉଡ଼ାଣ କରୁଛି। ମିଳିଥିବା ତଥ୍ୟାନୁଯାୟୀ, ୨୦୨୫ ଜାନୁଆରୀରେ ଏଠାରୁ ୪,୫୦,୫୯୬ ଯାତ୍ରୀ ଯାତାୟାତ କରିଥିବା ବେଳେ ୩,୨୦୯ଟି ବିମାନ ଉଡ଼ାଣ ଓ ଅବତରଣ କରିଥିଲା। ଫେବୃଆରୀରେ ୪,୨୬,୦୨୦ଜଣ ଯାତାୟାତ କରିଥିବାବେଳେ ଏବଂ ୩୦୭୭ଟି ବିମାନ ଉଡ଼ାଣ କରିଥିଲା।

ମାର୍ଚ୍ଚରେ ୪,୫୪,୦୮୨ଜଣ ଯାତ୍ରୀ ବିଭିନ୍ନ ସହରକୁ ବିମାନରେ ଯାତ୍ରା କରିଥିଲେ। ଏହି ମାସରେ ୩୩୯୩ଟି ବିମାନ ଉଡ଼ାଣ କରିଥିଲା। ସେହିପରି ଏପ୍ରିଲରେ ୪,୫୭,୦୭୨ ଯାତ୍ରୀ ଯାତାୟାତ କରିଥିବା ବେଳେ ୩୪୪୬ଟି ବିମାନ ଉଡ଼ାଣ କରିଥିଲା। ମେ'ରେ ୪,୬୮,୯୫୫ ଯାତ୍ରୀ ଯାତାୟାତ କରିଥିବା ବେଳେ ୩୫୭୮ ବିମାନ ଉଡ଼ାଣ ଓ ଅବତରଣ କରିଥିଲା। ଜୁନ୍ ?ରେ ୩୩୬୫ଟି ବିମାନରେ ୪,୩୮,୦୩୬ ଯାତ୍ରୀ ଯାତ୍ରା କରିଥିଲେ। ଜୁଲାଇରେ ଏହି ବିମାନ ବନ୍ଦରରୁ ୩୦୨୬ଟି ବିମାନ ଦେଶ ଓ ବିଦେଶର ବିଭିନ୍ନ ସହରକୁ ୩,୬୭,୭୧୯ ଯାତ୍ରୀଙ୍କୁ ନେବା ଆଣିବା କରିଥିଲା।

ଅଗଷ୍ଟରେ ୨୯୯୯ଟି ବିମାନ ଉଡ଼ାଣ କରିଥିବା ବେଳେ ୩,୯୦,୧୬୪ ଯାତ୍ରୀ ବିମାନରେ ଯିବା ଆସିବା କରିଥିଲେ। ସେପ୍ଟେମ୍ବରରେ ୩୦୦୪ଟି ବିମାନ ଉଡ଼ାଣ କରିଥିଲା ଏବଂ ୩,୭୯,୯୬୮ ଯାତ୍ରୀ ଯାତ୍ରା କରିଥିଲେ। ଅକ୍ଟୋବରରେ ୩୧୬୧ଟି ବିମାନ ଉଡ଼ାଣ ଓ ଅବତରଣ କରିଥିଲା ଏବଂ ୪,୨୭,୪୩୦ ଯାତ୍ରୀ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥିଲେ। ନଭେମ୍ବରରେ ୩୧୬୮ଟି ବିମାନ ଉଡ଼ାଣ କରିଥିଲା ଏବଂ ଏଥିରେ ୪,୪୮,୫୩୫ ଯାତ୍ରୀ ଯାତ୍ରା କରିଥିଲେ। ଡିସେମ୍ବରରେ ୩୧୨୧ଟି ବିମାନ ଉଡ଼ାଣ କରିଥିବା ବେଳେ ୪,୪୪,୧୯୧ ଯାତ୍ରୀ ଯାତାୟାତ କରିଥିଲେ। ଗତବର୍ଷ ଯାତ୍ରୀ ଯାତାୟାତ ସଂଖ୍ୟା ୪.୮ ନିୟୁତ ଥିଲା। ଚଳିତ ବର୍ଷ ମେ'ରେ ସର୍ବାଧିକ ୪,୭୨,୭୩୮ ଯାତ୍ରୀ ବିଭିନ୍ନ ସହରକୁ ଯାତ୍ରା କରିଛନ୍ତି।ଅନ୍ୟପକ୍ଷେ ଭୁବନେଶ୍ୱର ବିମାନ ବନ୍ଦରରୁ ଲକ୍ଷ୍ନୌ ଓ ଜୟପୁରକୁ ବିମାନ ସେବା ବନ୍ଦ ହୋଇଛି। ଏଣିକି ଏହି ଦୁଇ ସହରକୁ କନେକ୍ଟିଂ ବିମାନରେ ଯିବାକୁ ପଡ଼ିବ, ଯାହା ଯାତ୍ରୀଙ୍କ ପାଇଁ ମହଙ୍ଗା ପଡ଼ିବ। ପୂର୍ବରୁ ଭୁବନେଶ୍ୱରରୁ ୩୦ଟି ବିମାନ ବନ୍ଦରକୁ ସିଧାସଳଖ ବିମାନ ସଂଯୋଗ ଥିଲା, ହେଲେ ଏହି ଦୁଇଟି ବିମାନ ବନ୍ଦରକୁ ସେବା ବନ୍ଦ ହେବା ପରେ ୨୮ଟି ବିମାନ ବନ୍ଦରକୁ ବିମାନ ସେବା ଉପଲବ୍ଧ ଅଛି। ଗତ ବର୍ଷ ଶେଷ ଆଡ଼କୁ ଏହି ଦୁଇ ବିମାନ ବନ୍ଦରକୁ ସେବା ବନ୍ଦ ହୋଇଥିଲା।

ଶୁକ୍ରବାର, ୧୬ ଜାନୁଆରୀ ,୨୦୨୬ ଭୁବନେଶ୍ୱର
FRIDAY, 16 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଦିଦିଙ୍କ ମନମାନୀ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଜଣେ ଲୋକପ୍ରିୟ ନେତ୍ରୀ ଏବଂ ତୃଣମୂଳ ସ୍ତରରୁ ସେ ସଂଘର୍ଷ କରି ଉପରକୁ ଉଠିଛନ୍ତି। ରାହୁଲ ବା ପ୍ରିୟଙ୍କାଙ୍କ ଭଳି ସେ ନିଜ ସାଙ୍ଗିଆର ଉପଯୋଗ କରି ରାଜନୀତିରେ ପ୍ରତିଷ୍ଠିତ ହୋଇନାହାଁନ୍ତି। ଏଥିଲାଗି ତାଙ୍କର ସ୍ୱତନ୍ତ୍ରତା ଏବଂ ସମ୍ମାନ ରହିଛି। କିନ୍ତୁ ତାଙ୍କ ଆଚଣ ଏବଂ ଉଚ୍ଚାରଣ ଅତି ନିମ୍ନ ସ୍ତରର। କେନ୍ଦ୍ରରେ ମନ୍ତ୍ରୀ ଥିବା ବେଳେ ସେ ସେ ଭାରତର ନୁହେଁ, ପଶ୍ଚିମବଙ୍ଗର ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ରେଳମନ୍ତ୍ରୀ ଥିବା ମମତା ରେଳବଜେଟର ସିଂହଭାଗ ତାଙ୍କ ନିଜ ରାଜ୍ୟକୁ ଦେଉଥିଲେ। ବହୁ ସଂଗ୍ରାମ କରି ସେ ପଶ୍ଚିମବଙ୍ଗରେ ସିପିଏମକୁ ପରାଜିତ କରି କ୍ଷମତା ଦଖଲ କରିଛନ୍ତି। କିନ୍ତୁ ତାଙ୍କ ଶାସନ କାଳରେ ରାଜ୍ୟରେ ଦୁର୍ନୀତି ଏବଂ ଗୁଣ୍ଡାଗିରି ଚରମ ସୀମାରେ ପହଞ୍ଚିଛି। ରାଜ୍ୟରେ ଟିଏମସି କର୍ମୀମାନେ ସ୍ୱେଚ୍ଛାଚାରିତା ଚଳାଇଛନ୍ତି। ଆଉ ଭୋଟ ବ୍ୟାରଙ୍କ ପାଇଁ ମମତା ଅନୁପ୍ରବେଶକାରୀଙ୍କୁ ଭାରତରେ ରହିବା ପାଇଁ ପ୍ରଶ୍ରୟ ଦେଇଛନ୍ତି। ଏହା ଏକ ଦେଶ ବିରୋଧୀ କାର୍ଯ୍ୟ। ଅନେକ ସମୟରେ ସମ୍ବିଧାନ ବିରୋଧୀ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାରଙ୍କୁ ଚାଲେଞ୍ଜ କରି କେନ୍ଦ୍ରୀୟ ସଂସ୍ଥାକୁ ଅପମାନିତ କରୁଛନ୍ତି। ଅତୀତରେ ରାଜ୍ୟ ପୋଲି ସିବିଆଇ ଅଧିକାରୀଙ୍କୁ ଅଟକାଇବାର ନଜିର ରହିଛି। ଅନେକ ସମୟରେ ମମତା ନିର୍ବାଚନ କମିଶନଙ୍କୁ ମଧ୍ୟ ସମାଲୋଚନା କରୁଛନ୍ତି। ଏସଆଇଆରକୁ ସେ ବିରୋଧ କରୁଛନ୍ତି। ଏବେ କୋଇଲା ଦୁର୍ନୀତିର ତଦନ୍ତକାରୀ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ପକ୍ଷରୁ ଏକ ଘରୋଇ ଫାର୍ମ ଉପରେ ଚଢ଼ଉ ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳବଳ ସହ ସେଠାରେ ପହଞ୍ଚି ଇଡି ଅଧିକାରୀଙ୍କଠାରୁ ଅନେକ ଫାଇଲ ଏବଂ ଇଲେକ୍ଟ୍ରୋନିକ୍ସ ଡିଭାଇସ ଛଡ଼ାଇ ଆଣିଛନ୍ତି। ଏହା କେବଳ ପ୍ରମାଣ ନଷ୍ଟ ନୁହେଁ, କେନ୍ଦ୍ରୀ ତଦନ୍ତକାରୀ ସଂସ୍ଥାର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିବା ଏବଂ ନିଜ ପଦର ଦୁରୁପଯୋଗ କରିବା ସହ ସମାନ। ଏଥିଲାଗି ମମତାଙ୍କୁ ତୁରନ୍ତ ଗିରଫ କରାଯିବା ଉଚିତ। ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ସେ ଏପରି କାର୍ଯ୍ୟ କିପରି କଲେ ? ଏହା ତାଙ୍କ ଅହଙ୍କାର ଏବଂ ଦୁଷ୍ଟବୁଦ୍ଧିର ପରିଚାୟକ। ଦୁର୍ନୀତିକୁ ପ୍ରଶ୍ରୟ ଦେବା ତାଙ୍କ ଚରିତ୍ର। ଏବେ ମାମଲା ସୁପ୍ରିମକୋର୍ଟକୁ ଯାଇଛି। ଆଶା କରାଯାଉଛି ତାଙ୍କୁ ତୁରନ୍ତ ଜେଲର ଚାରିକାନ୍ଥ ଭିତରେ ଦେଖିବାକୁ ପଡ଼ିବ। ଆଇନ ଆଗରେ ତାଙ୍କ ଦାଦାଗିରିକୁ ପ୍ରଶ୍ରୟ ଦେବା ସମ୍ବିଧାନ ପ୍ରତି ଅପମାନ। ତେବେ ସବୁଥର ଭଳି ମମତା ଲଥର ମଦ୍ୟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଅଭିଯୋଗ ଆଣିଛନ୍ତି। ବିଭିନ୍ନ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଅଭିଯୋଗ ନୁଆ ନୁହେଁ। ଇନ୍ଦିରାଙ୍କ ସମୟରୁ ଏହି ଅଭିଯୋଗ ହୋଇଆସୁଛି। ସିବିଆଇ, ଇଡି, ଏନଆଇଏ ଭଳି କେନ୍ଦ୍ରୀୟ ସଂସ୍ଥାକୁ ଶାସନ କ୍ଷମତାରେ ଥିବା ଦଳ ବା ସରକାର ବିରୋଧୀ ନେତାଙ୍କ ବିରୋଧରେ ଏକ ଅମୋଘ ଅସ୍ତ୍ର ଭାବେ ବ୍ୟବହାର କରୁଥିବା ଅଭିଯୋଗ ସବୁ ସରକାର ସମୟରେ ହୋଇଆସୁଛି। ଜରୁରୀ ପରିସ୍ଥିତି ବେଳେ ଏହା ସର୍ବାଧିକ ସଂଖ୍ୟାରେ ଦେଖିବାକୁ ମିଳିଥିଲା। ୟୁପିଏ ସରକାର ସମୟରେ ମଧ୍ୟ ଏଭଳି ଅଭିଯୋଗ ହେଉଥିଲା। ଏକଦା ସୁପ୍ରିମକୋର୍ଟ ସିବିଆଇକୁ ଏକ ପିଞ୍ଜରାବଦ୍ଧ ଶୁଆ ଭାବେ ଅଭିହିତ କରିଥିଲେ। ସିବିଆଇର ମୁଖ୍ୟ ପଦରେ ସବୁ ବେଳେ ଶାସକ ଦଳର ସମର୍ଥକ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବାର ନଜିର ରହିଛି। ଏବେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ଏନଡିଏ ସରକାର ଅମଳରେ ଏହି ଅଭିଯୋଗ ଟିକେ ଅଧିକ ହୋଇଛି। କାରଣ ସିବିଆଇ, ଇଡି ଏବଂ ଅନ୍ୟ ତଦନ୍ତକାରୀ ସଂସ୍ଥା ଅଧିକ ସକ୍ରିୟ ହୋଇଛି। ବିରୋଧୀ ଦଳର ଅନେକ ନେତା ଭିନ୍ନ ଭିନ୍ନ ଅଭିଯୋଗରେ ତଦନ୍ତର ସମ୍ମୁଖୀନ ହୋଇଛନ୍ତି। କେତେକ ଗିରଫ ହୋଇ ଜେଲ ଯାଇଛନ୍ତି। ଦୁଇ ବର୍ଷ ତଳେ ୧୪ଟି ବିରୋଧୀ ଦଳ ମିଳିତ ଭାବେ ପ୍ରଧାନମନ୍ତ୍ରୀଙ୍କୁ ଏକ ପତ୍ର ଲେଖି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଅଭିଯୋଗ କରିଥିଲେ ଏବଂ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି କହିଥିଲେ। ଏହା ପରେ ସମ୍ପୃକ୍ତ ନେତାମାନେ ମିଳିତ ଭାବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ବିରୋଧୀ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ସିବିଆଇ ଓ ଇଡି ଭଳି ତଦନ୍ତକାରୀ ସଂସ୍ଥାକୁ କେନ୍ଦ୍ର ସରକାର ରାଜନୈତିକ ଉଦ୍ଦେଶ୍ୟରେ ଉପଯୋଗ କରୁଛନ୍ତି। ବିରୋଧୀ ନେତାଙ୍କ ମୁହଁ ବନ୍ଦ କରିବା ଏବଂ ସେମାନଙ୍କୁ ଅପମାନିତ ବା ବଦନାମ କରିବା ପାଇଁ ମିଛ ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଉଛି। ଯେଉଁମାନେ ବିଜେପିରେ ସାମିଲ ହେଉଛନ୍ତି ସେମାନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ ତଦନ୍ତକୁ ଜାଣିଶୁଣି ଶିଥିଳ କରାଯାଉଛି। ପଶ୍ଚିମବଙ୍ଗରେ ଟିଏମସି, ବିହାରରେ ଆରଜେଡି, ମହାରାଷ୍ଟ୍ରରେ ଏନସିପି ଓ କଂଗ୍ରେସ ତଥା ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା, ଦିଲ୍ଲୀରେ ଆପ, ମଧ୍ୟପ୍ରଦେଶ, କର୍ଣ୍ଣାଟକ ଏବଂ ୟୁପିରେ କଂଗ୍ରେସକୁ ଟାର୍ଗେଟ କରାଯାଉଛି। କିନ୍ତୁ ସୁପ୍ରିମକୋର୍ଟ ବିରୋଧୀ ଦଳର ଏହି ଅଭିଯୋଗକୁ ଗ୍ରହଣ କରିନାହାଁନ୍ତି ଏବଂ ପିଟିସନର ଶୁଣାଣୀ କରିବାକୁ ମନା କରି ଦେଇଛନ୍ତି। ଏହା ପରେ ମିଳିତ ବିରୋଧୀ ଦଳ ପକ୍ଷରୁ ଓକିଲ ଅଭିଷେକ ମନୁ ସିଂହଭି ପିଟିସନକୁ ପ୍ରତ୍ୟାହାର କରି ନେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ବିରୋଧୀ ଦଳମାନଙ୍କ ପାଇଁ ଶକ୍ତ ଚାପୁଡ଼ା ସଦୃଶ ହୋଇଛନ୍ତି। ସାମଗ୍ରୀକଭାବେ ସିବିଆଇ ବା ଇଡିର ଦୁରୁପଯୋଗ ଅଭିଯୋଗ ଗ୍ରହଣୀୟ ନୁହେଁ। ଯେଉଁମାନଙ୍କ ବିରୋଧରେ ଦୁନୀତି ବା ଅପରାଧିକ ମାମଲା ରହିଛି ସେମାନଙ୍କ ବିଚାର କୋର୍ଟ କରିବେ। ସିବିଆଇ ବା ଇଡି ନୁହେଁ। ତଦନ୍ତକାରୀ ସଂସ୍ଥା କେବଳ ଚାର୍ଜସିଟ ଦାଖଲ କରିବେ। ଏହାର ବୈଧତା, ସତ୍ୟତା ଏବଂ ଗ୍ରହଣୀୟତା କୋର୍ଟ ବିଚାର କରିବେ। ଯଦି ଅଭିଯୁକ୍ତଙ୍କ ବିରୋଧରେ କିଛି ପ୍ରମାଣ ନଥିବ ତେବେ ସେ ନିର୍ଦ୍ଦୋଷରେ ଖଲାସ ହେବେ। ଏଥିରେ ରାଜନୈତିକ ଅଭିସନ୍ଧିର କୌଣସି ଗୁରୁତ୍ୱ ନାହିଁ।

# ଅସୁରକ୍ଷିତ ପଥଚାରୀ

## ଯୁଧିଷ୍ଠିର ମହାରଣା

ଏବେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଚାଲିଛି। ଏମିତିରେ ଦେଖିବାକୁ ଗଲେ ବିଶ୍ୱ ଅର୍ଥନୀତିରେ ଚତୁର୍ଥ ସ୍ଥାନକୁ ଲମ୍ଫ ମାରିଥିବା ଭାରତ ସଡ଼କ ଦୁର୍ଘଟଣାକୁ ନେଇ ଅଲୋଡ଼ା ରେକର୍ଡ଼ ମଧ୍ୟ କରିଛି। ସଡ଼କ ଦୁର୍ଘଟଣାରେ କିଛି ଦିନ ତଳେ ଜନୈକ ମହିଳା ସାମ୍ବାଦିକଙ୍କ ଅଭାବନୀୟ ପରଲୋକ ଓ ପ୍ରତୀକାତ୍ମକ ଭାବେ କଟକର କିଛି ସାମ୍ବାଦିକ ବନ୍ଧୁ ଜୁଡ଼ିସିଆଲ ଏକାଡ଼େମୀରୁ ସିଡ଼ିଏ ଆଡ଼କୁ ଆସିଥିବା କିଛି ଅଞ୍ଚଳ ସ୍ୱତଃ ରାସ୍ତା ସଫା କରି ବାଲି ଓ ଅନ୍ୟ ଆବର୍ଜନା ପରିଷ୍କାର କରିଥିଲେ। ଗୋଟିଏ ସଡ଼କ ଦୁର୍ଘଟଣା ହେବାପରେ ଅନେକ ଚର୍ଚ୍ଚା, ଆଲୋଚନା, ସମୀକ୍ଷା ହୋଇଥାଏ। ବାସ୍ତବ କଥା ହେଉଛି ନିଶାସକ୍ତ ଗାଡ଼ି ଚାଳନା, ହେଲମେଟ ବ୍ୟବହାର ନ କରିବା, କଦର୍ଯ୍ୟ ରାସ୍ତା, ଭିଡ଼ ନିୟନ୍ତ୍ରଣ ଓ ପ୍ରଶାସନର ମନମାନି ଇତ୍ୟାଦି ଏହାର କାରଣ ହୋଇଥାଏ। ତେବେ ଏ ସବୁ ଭିତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ମାମଲାରେ ଯେଉଁ ତତ୍ପରତା ଦେଖାଇଛନ୍ତି ତାହା ଅନେକଙ୍କ ଭିତରେ ଆଶାର କ୍ଷୀଣ ଆଲୋକ ରେଖାଟିଏ ପରି ସ୍ପଷ୍ଟ ହୋଇଛି। ମାନ୍ୟବର ସୁପ୍ରିମ କୋର୍ଟ ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବର୍ତ୍ତମାନର ସଡ଼କରେ ଯାନବାହାନର ସଂଖ୍ୟା ଯାହା, ବେଲଗାମ ଟ୍ରାଫିକ ବ୍ୟବସ୍ଥା ଏସବୁକୁ ଦେଖିଲେ ଅନେକ ପାଦରେ ଚାଲିବାକୁ ନିରାପଦ ମନେ କରୁଛନ୍ତି। ସେହିପରି ପ୍ରାପ୍ତ ହେଉ ବା ସାଂଧ ଭ୍ରମଣ ଏହା ବରିଷ୍ଠ ନାଗରିକଙ୍କ ଠାରୁ ମହିଳା ଏପରିକି ଶିଶୁ ଓ ଦିବ୍ୟାଙ୍ଗ ସମସ୍ତଙ୍କ ପାଇଁ ଏକ ବଡ଼ ସ୍ୱାସ୍ଥ୍ୟ ବିକଳ୍ପ। ତେବେ ଖୋଦ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପଥଚାରୀଙ୍କ ସଂଖ୍ୟା ପାଖାପାଖି ୨୫ ଭାଗ।

ପଥଚାରୀଙ୍କ ପାଇଁ ସଡ଼କରେ ଯେଭଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ଏଭଳି ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ପରିସଂଖ୍ୟାନ ଉପରମୁହାଁ ହେଉଛି। ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟପାଥକୁ କବଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କର ସଂଖ୍ୟା କମ ନୁହେଁ। ଫୁଟପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସି ଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ, ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ। ଟ୍ରାଫିକ ପରିଚାଳନା ଅଭାବରୁ ମଧ୍ୟ ଅନେ ସମୟରେ ଦୁର୍ଘଟଣା ଘଟୁଛି। ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲମେଟରେ ଗାଡ଼ି ଚଳନା, ଏଲଇଡ଼ି ଲାଇଟର ପ୍ରଭାବକୁ ଯଥା ସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା / ମହାନଗର ନିଗମ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତୀୟ ରୋଡ଼ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟପାଥର ଡିଜାଇନ ମଧ୍ୟ ପରିକଳ୍ପନା କରାଯାଇଛି। ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟପାଥର ଚଉଡା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟପାଥ ଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅନ୍ଲେ ବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହର ମାନଙ୍କରେ ଫୁଟପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଧାର୍ମିକ, ଅନୁଷ୍ଠାନ, ଐତିହାସିକ, ଶିକ୍ଷାୟତନ, ସ୍ୱାସ୍ଥ୍ୟ କେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ପଥଚାରୀମାନଙ୍କ ଫୁଟପାଥ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନଲାଇନ ପୋର୍ଟାଲ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମତେ ପୌରପାଳିକା ମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ପଥଚାରୀଙ୍କ ସୁରକ୍ଷାସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧ୍ୟରେ ରାଜ୍ୟମାନେ ମୋଟର ଭେହିକିଲ ଆକ୍ଟ ଧାରା ୧୩୮ (ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୦୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ।

ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ସହ ରାସ୍ତାରେ ଗାଡ଼ି ସଂଖ୍ୟା ମଧ୍ୟ ଲମ୍ଫୁଛି। ଦ୍ରୁତ ଗାଡ଼ି ଚାଳନା, ନିଶାସକ୍ତ ଗାଡ଼ିଚାଳନା, ରାସ୍ତାଘାଟର ଦୂରବସ୍ଥା, କର୍କଶ ହର୍ଣ୍ଣ ଏସବୁକୁ ଦେଖିଲେ ରାସ୍ତାରେ ଚାଲି ଚାଲି ଯାଉଥିବା ଲୋକଟି ପ୍ରତି ଅନ୍ତତଃ ଟ୍ରାଫିକ ପୋଲିସ ମାନଙ୍କ ଠାରୁ କୌଣସି ସହାୟତା ମିଳିନଥାଏ। ପ୍ରଭାବଶାଳୀ ତଦାରଖ ଓ ଉତ୍ତରଦାୟୀ ପ୍ରଶାସନ ଦ୍ୱାରା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଉଭୟ କେନ୍ଦ୍ର ଓ ରାଜ୍ୟ ପାଇଁ ନିର୍ଦ୍ଦିଷ୍ଟ ସମୟ ଭିତ୍ତିକ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ରଖନ୍ତୁ। ଏହି ମର୍ମରେ ମନେପଡୁଛି କିଛି ଦିନ ତଳେ ପୁରୀ ଜିଲ୍ଲାର ଏକ ବିଦ୍ୟାଳୟର ପିଲାମାନଙ୍କର ରାସ୍ତା ଆରପଟେ ଥିବା ବିଦ୍ୟାଳୟକୁ ପହଞ୍ଚିବା ପାଇଁ ରାସ୍ତା ଅତିକ୍ରମ ସମସ୍ୟାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟ ଗୁରୁତର ଭାବେ ଗ୍ରହଣ କରି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ପରେ ସମସ୍ୟାର ସମାଧାନ ହୋଇଥିଲା। ତେବେ ସବୁ ପ୍ରସଙ୍ଗରେ ଅଦାଲତି କାର୍ଯ୍ୟାନୁଷ୍ଠାନ ବିଳମ୍ବ ହୋଇଯାଇଥାଏ। ତେଣୁ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ସଚେତନତାର ଗୁରୁ ଦାୟିତ୍ୱ ରହିଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮,
E-mail : judhister009moharana@gmail.com

# କିଶୋର ନ୍ୟାୟ ବ୍ୟବସ୍ଥା

## ଗଙ୍ଗାଧର ସାମଲ୍ୱାଲ

ଆମ ଦେଶରେ କିଶୋର ମାନଙ୍କ ନ୍ୟାୟ ସମ୍ପର୍କରେ ଯେତେ ଆଲୋଚନା ହୋଇଥାଏ ସେ ପରିମାଣର କିନ୍ତୁ ନିର୍ଯ୍ୟାସରେ କିଛି ପହଞ୍ଚି ପାରିନଥାଏ। ନିକଟରେ ସରକାରୀ ଭାବେ ଭାରତୀୟ ନ୍ୟାୟ ରିପୋର୍ଟର ପରିସଂଖ୍ୟନର ଚିତ୍ର ଯାହା କହୁଛି ସେଥିରୁ ସୁସ୍ପଷ୍ଟ ଯେ ଏଯାବତ୍ ଆଇନ ପାଇବା ପାଇଁ କିଶୋର ନ୍ୟାୟ ବ୍ୟବସ୍ଥା ସଠିକ ଭାବେ ଯଥାର୍ଥ ପରିମାଣରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏବେ ବି ସମଗ୍ର ଦେଶରେ ୩୫୨ଟି କିଶୋର ନ୍ୟାୟବୋର୍ଡ଼ ବା ଜେଜେବି ଗୁଡ଼ିକରେ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଛି। ଏଥିରେ ଓଡ଼ଇଶାର ରେକର୍ଡ଼ ଅତି ଖରାପ। ଏଠାରେ ପେଣ୍ଡେନସୀ ବା ବିଚାର କାଳ ୮୩ ପ୍ରତିଶତ ଯାହା ଖୁବ ଅଧିକ। ଦେଶର ସବୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ଜେଜେବି ଥିଲେ ମଧ୍ୟ ୨୫ ପ୍ରତିଶତରେ ପୁରା ବେଞ୍ଚ ନାହିଁ। ଅଥଚ ଏଥିରେ ମାତ୍ର ଜଣେ ମାଜିଷ୍ଟ୍ରେଟ ଓ ଦୁଇଜଣ ସାମାଜିକ କର୍ମୀ ଆବଶ୍ୟକ। ଏକ ତୃତୀୟାଂଶ ବୋର୍ଡ଼ରେ ବିଧିଗତ ସେବା କ୍ଲିନିକ ନାହିଁ, ଯାହା ଆଇନ ଅନୁସାରେ ଆବଶ୍ୟକ। ପ୍ରତି ଜେଜେବିରେ ୧୫୨ଟି କେସ ପଡ଼ି ରହିଛି। ସେ ସବୁରୁ କେବଳ ୧୧ଟି କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁସାରେ ଆବଶ୍ୟକ ୭ଟି ଯାକ ମାନକକୁ ପୂରଣ କରୁଛନ୍ତି। ୧୪ଟି ରାଜ୍ୟ ଗୁରୁତର ଅପରାଧରେ ଲିପ୍ତ ୧୬ରୁ ୧୮ ବର୍ଷ ବୟସ୍କଙ୍କ ପାଇଁ ସୁରକ୍ଷିତ ସ୍ଥାନ ସ୍ଥାପନ କରିନାହାନ୍ତି।

ଯେଉଁ ସର୍ଭେ ଉପରେ ଉପରୋକ୍ତ ରିପୋର୍ଟ ଉପରେ ଆଧାରିତ ତାହା କିଶୋର ନ୍ୟାୟ ଆଇନ କିଭଳି କାମ କରି ଆସିଛି ତାର ମୂଲ୍ୟାୟନ ଲାଗି ଉଦ୍ଦିଷ୍ଟ ଥିଲା। ତାର ଫଳାଫଳ ଗୁରୁତର ଉଦବେଗ ସୃଷ୍ଟି କରିଛି। ଦେଶରେ ପ୍ରାୟ ୫୦ ହଜାର ଶିଶୁ କିଶୋର ନ୍ୟାୟ ବୋର୍ଡ଼ ବା ଜୁଭେନାଇଲ ଜଷ୍ଟିସ ବୋର୍ଡ଼ ଗୁଡ଼ିକରୁ ନ୍ୟାୟ ପାଇଁ ଅପେକ୍ଷା କରି ରହିଛନ୍ତି। ୨୮ଟି ରାଜ୍ୟ ଉପରେ ସର୍ଭେ କରାଯାଇ ସେଥିରୁ ମିଳିଥିବାତଥ୍ୟ ଉପରେ ଉପରୋକ୍ତ ରିପୋର୍ଟଟି ପର୍ଯ୍ୟବେଶିତ। ଅବଶ୍ୟ ଏହି ସୂଚନା ଅସମ୍ପୂର୍ଣ୍ଣ। କିଶୋର ନ୍ୟାୟ କେସ ଗୁଡ଼ିକ ଉପରେ ତଥ୍ୟ ସଂଗ୍ରହର କୌଣସି କେନ୍ଦ୍ରୀକୃତ ବ୍ୟବସ୍ଥା ଦେଶରେ ନାହିଁ। ଅପରାଧରେ ଲିପ୍ତ ହେଉଥିବା ଶିଶୁଙ୍କୁ ତଦନ୍ତ ବେଳେ ଓ ସେମାନେ ଦୋଷୀ ସାବ୍ୟସ୍ତ ହେଲା ପରେ ଶିଶୁଙ୍କ ଯତ୍ନ ପାଇଁ ଥିବା ଅନୁଷ୍ଠାନ ଗୁଡ଼ିକରେ ରଖାଯାଏ। ଏହି ଆଶ୍ରୟ ସ୍ଥଳୀଗୁଡ଼ିକର ପରିଚାଳନା ଅଧିକାଂଶ ସମୟରେ ଠିକ ନୁହେଁ। ସେ ସବୁକୁ ସୁଧାରିବା ବାଦ ଏପରି ଅଧିକ ସୁବିଧା କେନ୍ଦ୍ର ସ୍ଥାପନର ଆବଶ୍ୟକତା ରହିଛି।୧୨୮ଟି ଅନୁଷ୍ଠାନ ପାଇଁ ମାତ୍ର ୨୮ ଜଣ ମେଡ଼ିକାଲ ଅଫିସର ଅଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ବିନା ମେଡ଼ିକାଲ କର୍ମଚାରୀରେ କାମ କରୁଛନ୍ତି। ସମଗ୍ର ବ୍ୟବସ୍ଥାଟି ଦୁର୍ବଳ। କିଶୋର ନ୍ୟାୟ ପ୍ରଦାନ ପାଇଁ ଯାହା ସବୁ ଆବଶ୍ୟକ ସେଗୁଡ଼ିକୁ ଠିକ ଭାବେ ଯୋଗାଯାଉନାହିଁ। ସମ୍ପୃକ୍ତ ଶିଶୁମାନଙ୍କୁ ଉପଯୁକ୍ତ ଆଶ୍ରୟସ୍ଥଳୀ ଯୋଗାଇବା, ସେମାନଙ୍କର କେସ ପରିଚାଳନା ସର୍ବୋପରି ଅପରାଧରେ ଟଣା ହୋଇ ଆସୁଥିବା କିଶୋର ମାନଙ୍କର ଥଇଥାନ କ୍ଷେତ୍ରରେ ଯଥେଷ୍ଟ ଦୁର୍ବଳତା ରହୁଛି। ଗୋଟିଏ ଦେଶର ବିଧି ବ୍ୟବସ୍ଥା ଓ ସଂସ୍କୃତିର ମୂଲ୍ୟାୟନ କରିବାକୁ ହେଲେ ତାହା ଶିଶୁ ମାନଙ୍କୁ କିପରି ଦେଖୁଛି ସେଥିରୁ ବୁଝି ହେବ। ପୃଥିବୀର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତର ଜନସଂଖ୍ୟାକୁ ଦେଖିଲେ ଏଥିରେ କମ ବୟସର ଲୋକ ସଂଖ୍ୟା ହାର ବେଶୀ। ଯେହେତୁ ଦେଶ ପୃଥିବୀର ସବୁଠାରୁ ଜନବହୁଳ ଦେଶ ଓ ଏଠାରେ ଶିଶୁ, ବାଳକ-ବାଳିକା, କିଶୋର-କିଶୋରୀ ଏବଂ ଯୁବକ ଯୁବତୀଙ୍କ ସଂଖ୍ୟା ବେଶୀ ସେ କାରଣରୁ ଅପରାଧରେ ଲିପ୍ତ ଛୋଟ ପିଲାଙ୍କ ସମସ୍ୟାକୁ ଗାମ୍ଭୀର୍ଯ୍ୟର ସହ ନିଆଯିବା ଉଚିତ। ଅନ୍ୟମାନଙ୍କ ତୁଳନାରେ ଆଇନ ସହ ମୁକାବିଲାରେ ଲିପ୍ତ ବାଲ୍ୟ ବୟସର ପିଲାଙ୍କ ପାଇଁ ରାଷ୍ଟ୍ର ଓ ସମାଜର ଦାୟିତ୍ୱ ବେଶୀ। ଜୁଭେନାଇଲ ହୋମ ଗୁଡ଼ିକରେ ରହୁଥିବା ଛୋଟ ପିଲାଙ୍କ ପ୍ରତି ଯେପରି ଭଲ ଆଚରଣ ପ୍ରଦର୍ଶନ କରାଯିବ ସ ସେମାନେ ସମୟୋଚିତ ନ୍ୟାୟ ପାଇବେ ସେଥି ସକାଶେ ସରକାର ସ୍ୱତନ୍ତ୍ର ଯତ୍ନ ନେବା ଆବଶ୍ୟକ। ସମାଜ ତଥା ସରକାରଙ୍କର ମୁଖ୍ୟ ଚିନ୍ତା ରହିବା ଉଚିତ ଯେପରି ଛୋଟ ବୟସରେ କୌଣସି ଅପରାଧ ଘଟାଇଥିବା ପିଲାମାନେ ସୁଧୁରି ଯାଆନ୍ତି ଏବଂ ସେମାନେ ପରବର୍ତ୍ତୀ ଜୀବନରେ ଆଉ ଅପରାଧ ଆଡ଼କୁ ମୁହାଁଇବେ ନାହିଁ। ନଚେତ ଆଗାମୀ ପିଢ଼ିରେ ଅପରାଧି ଗୋଷ୍ଠୀ ବାହାରିବେ ଯାହା ଦେଶ ଲାଗି ଆହୁରି ବଡ଼ ସମସ୍ୟା ଆଣିଦେବ।

ଯେ କୌଣସି ଦେଶରେ ଦାୟିତ୍ୱବାନ ନାଗରିକ ଶ୍ରେଣୀ ସୃଷ୍ଟି କରିବା ପାଇଁ ସେମାନଙ୍କୁ ବାଲ୍ୟ ବୟସରୁ ଠିକ ଭାବେ ଗଢ଼ାଯିବା ଦରକାର। ଏଥିରେ ବାପା, ମାଆ ଓ ଅଭିଭାବକ ତଥା ପରିବାର ଲୋକେ ଏବଂ ଶିକ୍ଷକମାନଙ୍କ ସମେତ ପ୍ରଶାସନିକ ବ୍ୟବସ୍ଥା, ସାମାଜର ଦାୟିତ୍ୱ ରହୁଛି। ତଥାପି ତା'ମଧ୍ୟରେ କମ ବୟସରେ ଯେଉଁମାନଙ୍କର କୌଣସି କାରଣରୁ ସ୍ଖଳନ ଘଟୁଛି ସେମାନଙ୍କୁ ସୁଧାରିବା ପାଇଁ ସବୁ ପଦକ୍ଷେପ ନିଆଯିବା ଲୋଡ଼ା। ସେଥିରେ ଆଇନଗତ ବ୍ୟବସ୍ଥାରେ କିଶୋର ନ୍ୟାୟ ନିୟମ ଏବଂ ଜେଜେବି କରାଯାଇଛି। ଯେଉଁ ଶିଶୁମାନେ ଅପରାଧ ଯୋଗୁଁ ଉପରୋକ୍ତ ବ୍ୟବସ୍ଥାରେ ଜୁଭେନାଇଲ ହୋମରେ ରହୁଛନ୍ତି ସେମାନଙ୍କୁ ନ୍ୟାୟ ଦେବାରେ ବିଳମ୍ବ କରାଗଲେ ଏବଂ ସେମାନଙ୍କ ପ୍ରତି ଖରାପ ଆଚରଣ ପ୍ରଦର୍ଶନ ହେଲେ ତାହା ଶିଶୁମାନଙ୍କର ଏପରି କ୍ଷତି କରିବ ଯାହା କଳ୍ପନାର ବାହାରେ। ଏପରି ଶିଶୁମାନଙ୍କୁ ଉପରୋକ୍ତ ବିପଦରୁ ସୁରକ୍ଷା ଦେଇ ସମାଜରେ ସେମାନଙ୍କୁ ମିଶାଇବା ସକାଶେ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ସୃଷ୍ଟି କରାଯାଇଥିଲା।ସେହି ଲକ୍ଷ୍ୟ ଯେ ପୂରଣ ହେଉନାହିଁ ତାହା ଉପରୋକ୍ତ ରିପୋର୍ଟରେ କୁହାଯାଇଛି। ଏଣୁ ଏହାକୁ ଗମ୍ଭୀରତାର ସହ ନେଇ ସମସ୍ତ ମାନବୀୟ ଓ ସମାଜ ଉପରେ ପରିଣାମ ପରିପ୍ରେକ୍ଷୀରେ ସମସ୍ୟାର ପ୍ରତିକାର କରାଯିବା ଉଚିତ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୮୩୨୮୯୪୮୬୪୩ / ୯୪୩୭୨୨୬୬୪୭

# ଶ୍ରୀ ସତ୍ୟସାଇ ଦିବ୍ୟ ପାଦୁକା ଯାତ୍ରା

## ଶ୍ରୀମତୀ ବିଜୟଲକ୍ଷ୍ମୀ ଶତପଥୀ

ମାନବକୁ ମାଧବ ସ୍ତରକୁ ଉନ୍ନିତ କରିବା ପାଇଁ ଯୁଗେ ଯୁଗେ ଈଶ୍ୱର ଅବତାର ନେଇ ଅବତରି ଆସନ୍ତି । ପ୍ରେମାବତାର ଭଗବାନ ଶ୍ରୀ ସତ୍ୟସାଇ ବାବା ଧରା ପୃଷ୍ଠରେ ଅବତରଣ କରିଛନ୍ତି ସଂହାର ମାଧ୍ୟମରେ ନୁହଁ ସଂସ୍କାର ଦ୍ୱାରା ମାନବର ଉତ୍ତରଣ ପାଇଁ । ସମଗ୍ର ମାନବ ଜାତିକୁ ତାଙ୍କର ପ୍ରଥମ ବାର୍ତ୍ତା ସେ ଦେଇଛନ୍ତି "ମାନସ ଭଜରେ ଗୁରୁ ଚରଣମ୍,ଦୁସ୍ତର ଭବ ସାଗର ତରଣମ୍" । ଦୁସ୍ତର ଭବ ସାଗର ପାରି ହେବାର ଏକ ମାତ୍ର ସାଧନ ସେହି ଦିବ୍ୟ ଚରଣ ଯୁଗଳ ଯେଉଁ କୋମଳ ମଙ୍ଗଳ ଚରଣ ଯୁଗ ଯୁଗ ଧରି ସୁର ମୁନି ବନ୍ଦିତ,ସାଧୁ ଜନ ସେବିତ। "ଦର୍ଶନମ୍ ପାପ ନାଶନମ,ସ୍ପର୍ଶନମ୍ କର୍ମ ବିମୋଚନମ୍,ସମ୍ଭାଷଣମ୍ ସଙ୍କଟ ନାଶନମ୍।" ଭକ୍ତ ପାଇଁ ନିରାକାର ପ୍ରଭୁ ଦିବ୍ୟ ପାଦୁକାରେ ନିଜକୁ ପ୍ରତିଷ୍ଠିତ କରନ୍ତି ଏବଂ ଦର୍ଶନ,ସ୍ପର୍ଶନର ସୁଯୋଗ ପ୍ରଦାନ କରନ୍ତି। ଦିବ୍ୟ ଶକ୍ତିର ପ୍ରବାହ ମନୁଷ୍ୟର ଚିନ୍ତା ଓ କର୍ମକୁ ପରିଶୁଦ୍ଧ କରେ,ଆଧ୍ୟାତ୍ମିକ ଏକାତ୍ମତା ଭାବ ବୃଦ୍ଧି କରେ ଏବଂ ହୃଦୟ ସହ ହୃଦୟର ମିଳନ କରାଏ। ଓଡ଼ିଶା ପ୍ରାର୍ଥନା ରତ ଥିଲା ଭଗଵାନ ଶ୍ରୀ ସତ୍ୟସାଇ ବାବାଙ୍କ ଓଡ଼ିଶା ଆଗମନ ପାଇଁ ଏବଂ ଅନେକ ସମୟରେ ପ୍ରଭୁ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ତାଙ୍କ ଓଡ଼ିଶା ଆଗମନର ପ୍ରତିଶ୍ରୁତି କୃପାମୟ ରକ୍ଷା କରିଛନ୍ତି, ଓଡ଼ିଶା ମାଟି ଦିବ୍ୟ ପଦ୍ମ ପାଦର ସ୍ପର୍ଶ ଲଭିଛି ।ଚାତକ ପରି ଦିବ୍ୟ ଆଗମନକୁ ଅପେକ୍ଷା କରିଥିବା ଦର୍ଶନାତୁର ଓଡ଼ିଶାବାସୀଙ୍କ ଉପରେ କୃପାବର୍ଷା କରି ତୃଷିତ ହୃଦୟର ତୃଷ୍ଣା ନିବାରଣ କରିଛନ୍ତି ପରମ କରୁଣା ସମୁଦ୍ର । ୨୦୨୨ ମସିହା ଏପ୍ରିଲ ୨୪ ତାରିଖ ପବିତ୍ର ଆରାଧନା ଦିବସରେ ପ୍ରଶାନ୍ତି ନୀଳୟମରୁ ଦିବ୍ୟ ପାଦୁକା ଓଡ଼ିଶାକୁ ପ୍ରାପ୍ତ ହେଲା ଏବଂ ଦିବ୍ୟ ପ୍ରେମର ଜୟ ଯାତ୍ରା ସେଇଠୁ ଆରମ୍ଭ ହେଲା। ଏପ୍ରିଲ ୨୬ରେ ହଜାର ହଜାର ଆଶ୍ରିତ ଓଡ଼ିଶାରେ ଭଗବାନଙ୍କୁ ସ୍ୱାଗତ କଲେ ଏବଂ ଭୁବନେଶ୍ୱର ସାଇ ଜନନୀର ଦିବ୍ୟ ପ୍ରଶାନ୍ତ ପରିବେଶରେ ପାଦୁକା ପୂଜିତ ହେଲେ ।୧୩ ଜୁଲାଇ ୨୦୨୨ ମସିହା ।ପବିତ୍ର ଗୁରୁ ପୂର୍ଣ୍ଣିମା ଦିନ ଯାଜପୁର ଜିଲ୍ଲା ମହାବିନାୟକଠାରୁ ଭଗବାନଙ୍କ ଦିବ୍ୟ ପାଦୁକା ଓଡ଼ିଶା ଭ୍ରମଣରେ ବାହାରିଲେ । ଜିଲ୍ଲା ପରେ ଜିଲ୍ଲା,ସମିତି ପରେ ସମିତି,ପ୍ରତିଟି ବ୍ଲକ,ପ୍ରତି ଭଜନ ମଣ୍ଡଳୀରେ ଦିବ୍ୟ ପାଦୁକା ପଦାର୍ପଣ କଲେ ।ଦିବ୍ୟ ପାଦୁକା ଆଜି ଓଡ଼ିଶାର କୋଣ ଅନୁକୋଣ ବୁଲି ଓଡ଼ିଶାର ମାଟି,ପାଣି,ପବନକୁ ଧନ୍ୟ କରିଛନ୍ତି ।ଦୀର୍ଘ ସାଢ଼େ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟରେ ଦିବ୍ୟ ପାଦୁକା ରଥ ୪୦,୦୦୦ ରୁ ଊର୍ଦ୍ଧ୍ୱ କିଲୋମିଟର ଅତିକ୍ରମ କରି ଓଡ଼ିଶାର ସମସ୍ତ ଜିଲ୍ଲା,ସମସ୍ତ ବ୍ଲକର ୧୦,୦୦୦ ରୁ ଊର୍ଦ୍ଧ୍ୱଗ୍ରାମରେ ଦର୍ଶନ ଦେଇଛନ୍ତି । ଏହି ଦିବ୍ୟଯାତ୍ରାରେ,ଜନ ସମୁଦ୍ରରେ ଆନନ୍ଦର ଜୁଆର କେବଳ (କ୍ରମଶଃ)

# ଝିଅର ସ୍ୱପ୍ନରେ ମୋ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭଗବାନ ବାବା

## ସୌର ଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି'। ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି'। ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି।

ବାବା କୁହନ୍ତି 'ମୁଁ ତୁମ ଆଗରେ, ପଛରେ, ଦୁଇ ପାର୍ଶ୍ୱରେ ଏବଂ ତୁମ ଭିତରେ ଅଛି'। ଏହି ଦିବ୍ୟବାଣୀ ମୋ ବୃତ୍ତିଗତ ଜୀବନରେ ଏବଂ ସାମାଜିକ ଜୀବନକୁ ମଧ୍ୟ ଅନୁପ୍ରାଣୀତ କରିଛି। ଯାହାକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଛି ଓ କରୁଛି ମଧ୍ୟ। ଏଇଠି ମନେ ପଡୁଛି ଭଗବାନଙ୍କ ମହାପ୍ରୟାଣ ସମୟର କଥାଟି। ସେ ଦିନ ଏକ ସାମାଜିକ କାର୍ଯ୍ୟକ୍ରମରେ ସକାଳୁ ସକାଳୁ ମୁଁ ନିଜେ ଗାଡ଼ି ଚଳାଇ ଗାଁ ଅଭିମୁଖେ ଯାଉଥିଲି। ଜଗତସିଂହପୁର ଜିଲ୍ଲାରେ ଥିବା ଆମ ପୈତୃକ ଘର ଅଭିମୁଖେ ଯିବା ବେଳକୁ ଭଗବାନଙ୍କର ଅନେକ ଆଶ୍ରିତ ରହିଥିବା ଏକ ସ୍ଥାନଟି ହେଉଛି ପୁନଙ୍ଗ। ଯେଉଁଠି ସେ ସମୟରେ ଏକ ଭଜନମଣ୍ଡଳୀ ଗଢ଼ି ଉଠିଥିଲା। ସେମାନେ ରାସ୍ତା କଡ଼ରେ ବାବାଙ୍କର ଏକ ବଡ଼ ସୁଦୃଶ୍ୟ ହୋର୍ଡ଼ିଂ ଲଗାଇଥିଲେ ଏହାକୁ ଦେଖି ମୁଁ ଗାଡ଼ିକୁ ସାଇଡ କରି ବାବାଙ୍କୁ ପ୍ରଣାମ କରୁଛି ଏହି ସମୟରେ ମୋ ମୋବାଇଲ ଫୋନ ବାଜି ଉଠିଲା। ଜାଣିଲି ସୁଦୂର ମୁମ୍ବାଇରୁ ସେ ଫୋନଟି ମୋ ଝିଅର ଥିଲା। ସେ ମୋତେ କହିଲା ବାପା 'ଭଗବାନ ବାବାଙ୍କର ମହାପ୍ରୟାଣ ହୋଇଗଲା।' ଆଖିରୁ ଲୁହ ବୋହି ଚାଲିଲା, କଣ୍ଠରୁଦ୍ଧ ହୋଇଗଲା କିଛି କ୍ଷଣ ପାଇଁ ମୁଁ ସ୍ତମ୍ଭୀଭୂତ ହୋଇଗଲି। ଏହିପରି ଅବସ୍ଥା ଭିତରେ ସେପଟୁ ଝିଅ କହୁଛି 'ବାପା ଆଉଟିକେ ଶୁଣ, ମୁଁ ଏ ଖବର ଟିଭିରୁ ଶୁଣିବା ପୂର୍ବରୁ ସ୍ୱପ୍ନ ଦେଖୁଥିଲି ଯେ ମୁଁ କଟକ ଯାଇଛି ତୁମେ ବାଥରୁମକୁ ଯାଇଥିବାବେଳେ ହଠାତ୍ କଲିଂବେଲ ବାଜିଲା, ମୁଁ ତଳକୁ ଆସି ଦେଖେତ ବାବା ଗେଟ ପାଖରେ ଛିଡ଼ା ହୋଇଛନ୍ତି। ମୁଁ ତାଙ୍କୁ ପ୍ରଣାମପୂର୍ବକ ଘରକୁ ଆସିବା ପାଇଁ ଅନୁରୋଧ କଲି। ସେ ଧୀର ପାଦରେ ଘର ଭିତରୁ ପ୍ରବେଶ କରି ତୁମ ଅଫିସ ଘରକୁ ଯାଇ ତୁମ ଚେୟାରରେ ବସିପଡ଼ିଲେ। ସ୍ମିତହସି ବାବା ମୋ ଆଡ଼କୁ ଟିକେ ଚାହିଁବାରୁ ମୁଁ ପ୍ରାର୍ଥନା ପୂର୍ବକ ତାଙ୍କୁ ଟିକେ ଅପେକ୍ଷା କରିବାକୁ ବିନୀତ ପ୍ରାର୍ଥନା କରି କହିଲି ଓ ତୁମକୁ ଡାକିବା ପାଇଁ ଉପରଘରକୁ ଦୌଡ଼ି ଆସିଲି। ତୁମକୁ ଡାକି ଦେଇ ତଳକୁ ଆସିଲା ବେଳକୁ ବାବା ଅନ୍ତର୍ଦ୍ଧାନ ହୋଇଗଲେ।' ଏହାର ବାର୍ତ୍ତା ଭଗବାନ ଦେଉଛନ୍ତି ଯେ ମୁଁ ସଶରୀରେ ନଥିଲେ ମଧ ତୁମ ସହିତ ତମ ପାଖରେ ସଦାସର୍ବଦା ରହିଛି। ବାବା ପୁଣି କୁହନ୍ତି 'ପରିସ୍ଥିତିର ତାଡ଼ନାରେ ତୁମେ ମୋଠାରୁ ଦୂରେଇ ଗଲେ ମଧ ମୁଁ ତୁମକୁ ଦୂରେଇ ଦେବି ନାହିଁ। ଏହା ହିଁ ହେଉଛି ବାବାଙ୍କର ପରମ ପ୍ରେମ, ଦିବ୍ୟ ଓ ଅନନ୍ୟ କରୁଣାର ନିଦର୍ଶନ।'

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ। ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ। ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, E-mail : sourachandramohapatra16@gmail.com



## ରୁଷ-ୟୁକ୍ରେନ୍ ଶାନ୍ତି ଆଲୋଚନାରେ ଜେଲେନସ୍କି ସୃଷ୍ଟି କରୁଛନ୍ତି ବାଧା

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ-ୟୁକ୍ରେନ୍ ବିବାଦ ସମ୍ପର୍କରେ ଏକ ବଡ଼ ବିବୃତି ଜାରି କରିଛନ୍ତି । ସେ କହିଛନ୍ତି, ରୁଷ-ୟୁକ୍ରେନ୍ ବିବାଦର ଅନ୍ତ କରିପାରୁଥିବା ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତିରେ ବାଧା ରୁଷରୁ ନୁହେଁ, ବରଂ ୟୁକ୍ରେନରୁ ଆସୁଛି । ଟ୍ରମ୍ପ ଅଭିଯୋଗ କରିଛନ୍ତି, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏକ ଚୁକ୍ତି ପାଇଁ ରାଜି ଅଛନ୍ତି । କିନ୍ତୁ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କମ୍ ଆଗ୍ରହୀ ଦେଖାଯାଉଛନ୍ତି । ଏହି ବିବୃତି ଏପରି ଏକ ସମୟରେ ଆସିଛି ଯେତେବେଳେ ଟ୍ରମ୍ପଙ୍କ ୟୁରୋପୀୟ ସହଯୋଗୀମାନେ ବାରମ୍ବାର କହୁଛନ୍ତି, ମସ୍କୋ ଯୁଦ୍ଧ ସମାପ୍ତ କରିବାକୁ ଆଗ୍ରହୀ ନୁହେଁ । ଓଭାଲ ଅଫିସ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି ମୁଁ ଭାବୁଛି ପୁଟିନ ଚୁକ୍ତି କରିବାକୁ ପ୍ରସ୍ତୁତ । ୟୁକ୍ରେନ କମ୍ ପ୍ରସ୍ତୁତ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପର



ସବୁଠାରୁ ବଡ଼ ଭୂମି ବିବାଦର ସମାଧାନ କାହିଁକି ଆମେରିକା ନେତୃତ୍ୱରେ କରାଯାଇନାହିଁ ବୋଲି ପଚରାଯିବାରୁ, ଟ୍ରମ୍ପ କେବଳ ଗୋଟିଏ ଶବ୍ଦରେ ଉତ୍ତର ଦେଇଥିଲେ, ଜେଲେନସ୍କି । ଟ୍ରମ୍ପଙ୍କ ମନ୍ତବ୍ୟରୁ ଜଣାପଡୁଛି, ସେ ପୁଣି ଥରେ ୟୁକ୍ରେନ ନେତାଙ୍କ ଉପରେ କ୍ରୋଧିତ ଅଛନ୍ତି । ଟ୍ରମ୍ପ ଏବଂ ଜେଲେନସ୍କିଙ୍କ ମଧ୍ୟରେ ସମ୍ପର୍କ ଆରମ୍ଭରୁ ଖରାପ ଥିଲା । ତଥାପି, ଟ୍ରମ୍ପଙ୍କ ପ୍ରଥମ ବର୍ଷରେ ସେମାନଙ୍କ ପାରସ୍ପରିକ ସମ୍ପର୍କରେ କିଛିଟା ଉନ୍ନତି ହୋଇଥିଲା । କିନ୍ତୁ ଏବେ ଟ୍ରମ୍ପ ପୁଣି ଥରେ ଜେଲେନସ୍କି ଚୁକ୍ତିରୁ ପଛକୁ ହଟୁଥିବାର ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ମୁଁ ଭାବୁଛି ତାଙ୍କ ପାଇଁ ସମସ୍ୟା ହେଉଛି । ଏକ ଚୁକ୍ତିରେ ପହଞ୍ଚିବାରେ ଅସୁବିଧା ହେଉଛି ।

## ଦୁଇଘଣ୍ଟା ବାୟୁସୀମା ବନ୍ଦ କଲା ଇରାନ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ଦେଶବ୍ୟାପୀ ବିକ୍ଷୋଭ ଉପରେ ତେହେରାନର ଦମନମୂଳକ କାର୍ଯ୍ୟାନୁଷ୍ଠାନକୁ ନେଇ ଉତ୍ତେଜନା ମଧ୍ୟରେ ଗୁରୁବାର ସକାଳେ ଇରାନ ଏହାର ଆକାଶପଥ ସାମୟିକ ଭାବେ ବନ୍ଦ କରିଦେଇଥିଲା । ଫଳରେ ଭାରତ, ପଶ୍ଚିମ ଏସିଆ ଓ ୟୁରୋପ ସହ ଜଡ଼ିତ ଅନେକ ବିମାନ ବିଳମ୍ବିତ ହୋଇଥିଲା । ତେହେରାନ୍ ଫ୍ଲାଇଟ୍ ଇନଫରମେସନ୍ ରିଜିଅନ୍ (ଏଫଆଇଆର୍) ସମସ୍ତ ବିମାନ ପାଇଁ ଭୋର ୩ଟା ୪୫ ସମୟରେ ବନ୍ଦ ରହିଥିଲା । ଦୁଇଘଣ୍ଟା ପରେ ଏହାକୁ ପୁଣି ଖୋଲି ଦିଆଯାଇଥିଲା । ବନ୍ଦ ସମୟରେ, କୌଣସି ଓଭରଫ୍ଲାଇଟ୍ ଅନୁମତି ଦିଆଯାଇନଥିଲା । ଇରାନ ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ (ସିଏଏ)ର ପୂର୍ବ ଅନୁମତି ନେଇ କେବଳ ଇରାନକୁ ଆସୁଥିବା କିମ୍ବା ପ୍ରସ୍ଥାନ କରୁଥିବା ଅନ୍ତର୍ଜାତୀୟ ବେସାମରିକ ବିମାନକୁ ଅନୁମତି ଦିଆଯାଇଥିଲା । ଦିଲ୍ଲୀ ଏସିସି (ଏରିଆ କଣ୍ଟ୍ରୋଲ ସେଣ୍ଟର)କୁ ବନ୍ଦ ହେବା ବିଷୟରେ ଲାହୋର ଏସିସି (ଓପିଏଲଏ) ଦ୍ୱାରା ସୂଚନା ଦିଆଯାଇଥିଲା, ଯେଉଁଥିରେ ସାମରିକ ଉତ୍ତେଜନା ବୃଦ୍ଧିକୁ କାରଣ ଭାବେ ଦର୍ଶାଯାଇଛି । ଭାରତୀୟ ସମୟ ରାତ୍ରି ୩ଟା ୧୨ରେ ଏହି ସୂଚନା ମିଳିଥିଲା । ସେହି ସମୟରେ, ବାୟୁସୀମା ବନ୍ଦ ହେବା ନିଶ୍ଚିତ କରିବାକୁ ଏପର୍ଯ୍ୟନ୍ତ କୌଣସି ନୋଟାମ୍ (ନୋଟିସ୍ ଟୁ ଏୟାର୍ ମିସନ୍) ଜାରି କରାଯାଇ ନାହିଁ । ହଠାତ୍ ବନ୍ଦ ହେବା ଦ୍ୱାରା ଏୟାର୍ ଟ୍ରାଫିକ୍ ସେବା ମାର୍ଗ ଜି୪୫୨ ବ୍ୟବହାର କରୁଥିବା ବିମାନଗୁଡ଼ିକ ଉପରେ ତୁରନ୍ତ ପ୍ରଭାବ ପଡ଼ିଥିଲା । ଯାହା ଉତ୍ତର ଓ ପଶ୍ଚିମ ଭାରତରୁ ଇରାନ, ଗଲ୍ଫ, ତୁର୍କୀ ଓ ୟୁରୋପ ଅଭିମୁଖେ ଉଡ଼ାଣ କରୁଥିବା ବିମାନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାୟୁପଥ ଥିଲା । ପରେ ଇରାନ ଏହାର ବାୟୁସୀମା ପୁନଃ ଖୋଲିଥିଲା ଏବଂ ଏକ ନୋଟାମ୍ ଦ୍ୱାରା ନିଶ୍ଚିତ କରିଥିଲ । ଯେ ତେହେରାନ ଏଫଆଇଆରରେ ସାଧାରଣ ବିମାନ ଚଳାଚଳ ସକାଳ ୭:୦୩ରେ ଆରମ୍ଭ ହୋଇଛି । ଅନ୍ୟପକ୍ଷରେ ଏୟାର୍ ଇଣ୍ଡିଆ ସକାଳ ୫.୩୦ରେ ଏକ୍ସରେ ଏକ ପୋଷ୍ଟରେ ବାୟୁସୀମା ବନ୍ଦ ହେବାର ପ୍ରଭାବକୁ ସ୍ୱୀକାର କରିଛି । ଇରାନରେ ଉପୁଜିଥିବା ପରିସ୍ଥିତି, ପରବର୍ତ୍ତୀ ସମୟରେ ଏହାର ବାୟୁସୀମା ବନ୍ଦ ହେବା ଏବଂ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏୟାର୍ ଇଣ୍ଡିଆ ବିମାନ ବର୍ତ୍ତମାନ ଏକ ବିକଳ୍ପ ମାର୍ଗ ବ୍ୟବହାର କରୁଛି, ଯାହା ବିଳମ୍ବର କାରଣ ହୋଇପାରେ । ଏୟାର୍ ଇଣ୍ଡିଆର କେତେକ ବିମାନ ବାତିଲ କରାଯାଉଛି ଯେଉଁଠାରେ ବର୍ତ୍ତମାନ ରିରୁଟିଂ ସମ୍ଭବ ନୁହେଁ । ଏହି ଅପ୍ରତ୍ୟାଶିତ ବ୍ୟାଘାତ ଯୋଗୁଁ ଯାତ୍ରୀମାନଙ୍କ ଅସୁବିଧା ପାଇଁ ଏୟାର ଇଣ୍ଡିଆ ଦୁଃଖ ପ୍ରକାଶ କରିଛି । ଆମର ଯାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା ବୋଲି ପୋଷ୍ଟରେ କୁହାଯାଇଛି ।

## ବିବାଦରେ ହନି ସିଂ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ଜଣାଶୁଣା ଗାୟକ ହନି ସିଂ ତାଙ୍କର ଏକ ଶୋ' ସମୟରେ ଦେଇଥିବା ଏକ ବୟାନ ପାଇଁ ଏବେ ବିବାଦ ଘେରରେ ଫସି ରହିଛନ୍ତି । ତାଙ୍କର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ହନି ସିଂହ ଦିଲ୍ଲୀର ଥଣ୍ଡା ବିଷୟରେ ଆପତ୍ତିଜନକ ମନ୍ତବ୍ୟ ଦେଉଥିବାର ଦେଖାଯାଇଛି । ଏହାକୁ ନେଇ ସୋସିଆଲ ମିଡିଆରେ ବହୁତ ଟ୍ରୋଲ ମଧ୍ୟ ହେଉଛନ୍ତି । ଏହି ସମୟରେ ଅଯୋଧ୍ୟାର ସାଧୁ ଏବଂ ସନ୍ଥ ମାନେ ହନି ସିଂଙ୍କ ମନ୍ତବ୍ୟ ଉପରେ ଆପତ୍ତି ଉଠାଇଛନ୍ତି, ସେ ସମାଜ ପାଇଁ କଳଙ୍କ ବୋଲି କହି ଅପମାନିତ କରିଛନ୍ତି । ହନି ସିଂଙ୍କ ମାମଲା ସମ୍ପର୍କରେ ଏକ ଜାତୀୟ ନ୍ୟୁଜ ଏଜେନ୍ସି ଅଯୋଧ୍ୟାର କିଛି ସାଧୁ ଏବଂ ସନ୍ଥଙ୍କ ସହ କଥା ହୋଇଥିଲା । ଅଯୋଧ୍ୟାର ସୀତାରାମ ଦାସ ମହନ୍ତ କହିଛନ୍ତି ଯେ, ଦିଲ୍ଲୀର ଥଣ୍ଡା ବିଷୟରେ ହନି ସିଂଙ୍କ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ । ତାଙ୍କର ବକ୍ତବ୍ୟ ଆପତ୍ତିଜନକ ଏବଂ ନିନ୍ଦନୀୟ । ଗାୟକ ତାଙ୍କ ଶୋ'ସମୟରେ ଦିଲ୍ଲୀବାସୀଙ୍କ ଭାବନାକୁ ଆଘାତ ଦେବା ପାଇଁ ଦେଇଥିବା ମନ୍ତବ୍ୟ ଉପରେ ତୁରନ୍ତ ସାର୍ବଜନୀନ ଭାବରେ କ୍ଷମା ମାଗିବା ଉଚିତ । ଜଣେ ଗାୟକଙ୍କ କାମ ଭଲ ଗୀତ ଗାଇବା, କିନ୍ତୁ ହନି ସିଂ ସମସ୍ତ ସୀମା ଅତିକ୍ରମ କରି ଅଶ୍ଳୀଳତା ପ୍ରସାର କରୁଛନ୍ତି, ଯାହା ଅସହ୍ୟ । ହନି ସିଂ ସମାଜ ପାଇଁ ଅପମାନ ଜନକ । ସେ କହିଛନ୍ତି ଯେ ଯେତେବେଳେ ସେ ମଞ୍ଚରୁ ଅପମାନଜନକ ବୟାନ ଦେଉଥିଲେ, ଲୋକମାନେ ମଞ୍ଚ ଉପରେ ହିଁ ତାଙ୍କୁ ଏକ ଶିକ୍ଷା ଦେବା ଉଚିତ ଥିଲା । ସେ ଜଣେ ପ୍ରସିଦ୍ଧ ଗାୟକ, କିନ୍ତୁ ତାଙ୍କ ପାଖରେ ଜ୍ଞାନର ଅଭାବ ରହିଛି । ଏହି ଲୋକ ମାନେ ଶସ୍ତା ଲୋକପ୍ରିୟତା ଏବଂ ଟଙ୍କା ପାଇଁ ସମାଜକୁ ଅତଳଗାମୀ କରିପାରନ୍ତି । ସେ ମା' ଏବଂ ଭଉଣୀ ମାନଙ୍କ ବିରୁଦ୍ଧରେ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି ତାହା ସମ୍ପୂର୍ଣ୍ଣ ନିନ୍ଦନୀୟ । ତାଙ୍କୁ ଦିଲ୍ଲୀ ସମାଜ ନିକଟରେ କ୍ଷମା ମାଗିବା ଉଚିତ ।

## ୧୮ରେ ସିଙ୍ଗୁରରେ ମୋଦିଙ୍କ ରାଲି

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ପଶ୍ଚିମବଙ୍ଗରେ ୨୦୨୬ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉତ୍ଥାନରେ ସାହାଯ୍ୟ କରିଥିବା ସିଙ୍ଗୁର ପୁଣି ଥରେ ଚର୍ଚ୍ଚାକୁ ଆସିଛି । ୨୦୦୮ରେ ମମତାଙ୍କ ଆନ୍ଦୋଳନ ପରେ ଟାଟା ସିଙ୍ଗୁର ପ୍ରକଳ୍ପକୁ ଛାଡ଼ି ଗୁଜରାଟ ସ୍ଥାନାନ୍ତର ହେବାକୁ ବାଧ ହୋଇଥିଲା । ତେବେ ଟାଟାକୁ ପୁଣି ସିଙ୍ଗୁର ଫେରାଇ ଆଣିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଛି । ଜାନୁଆରି ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଙ୍ଗୁରରେ ଏକ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି, ଯେଉଁଠାରେ ପୂର୍ବରୁ ବିକ୍ଷୋଭ ପ୍ରଦର୍ଶନ କରିଥିବା କୃଷକମାନେ ଆଗ ଧାଡିରେ ବସିବେ । ପ୍ରାୟ ଦୁଇ ଦଶନ୍ଧି ତଳେ, ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ହୁଗୁଳି ନଦୀର ଠିକ୍ ପୂର୍ବ ଦିଗରେ ଏବଂ କୋଲକାତାଠାରୁ ପ୍ରାୟ ୪୦ କିଲୋମିଟର ଉତ୍ତରରେ ଥିବା ସିଙ୍ଗୁରର ଉର୍ବର ଚଷ ଜମିରେ ଡେରା ପକାଇଥିଲେ । ୨୦୦୮ରେ ଏହି ଷ୍ଟ୍ରିଟ୍ ଫାଇଟର ସେଠାରେ ଟାଟା ନାନୋ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବିରୋଧରେ ଏକ ତୀବ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ଏହି ଆନ୍ଦୋଳନ ତାଙ୍କୁ ବଙ୍ଗଳା ରାଜନୀତିର କେନ୍ଦ୍ରରେ ପହଞ୍ଚାଇଥିଲା ଏବଂ ଶେଷରେ ତାଙ୍କୁ ସିପିଆଇ(ଏମ୍) ସରକାରକୁ ହଟାଇବାରେ ସାହାଯ୍ୟ କରିଥିଲା । ଟାଟା ନାନୋ କାରଖାନାକୁ ପଶ୍ଚିମବଙ୍ଗର ସିଙ୍ଗୁରରୁ ଗୁଜୁରାଟର ସାନନ୍ଦକୁ ସ୍ଥାନାନ୍ତର କରିବାକୁ ପଡିଥିଲା । ବର୍ତ୍ତମାନ, ପ୍ରାୟ ୧୮ ବର୍ଷ ପରେ ଏବଂ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ସିଙ୍ଗୁରର ସେହି ଉର୍ବର ଜମି ପୁଣି ଏକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର କେନ୍ଦ୍ରକୁ ଫେରିଛି । ଏଥର ବିଜେପି ଏହାକୁ ଯୁଦ୍ଧକ୍ଷେତ୍ର ଭାବେ ବାଛିଛି । ଦୀର୍ଘ ଦିନ ଧରି ପରିତ୍ୟକ୍ତ ଟାଟା ନାନୋ କାରଖାନା ପୁଣି ଥରେ କାହାଣୀର କେନ୍ଦ୍ରରେ ଥିବାରୁ ସିଙ୍ଗୁରକୁ ଏକ ବଞ୍ଚିତ ଶିଳ୍ପ ସୁଯୋଗ ଭାବରେ ଉପସ୍ଥାପନ କରି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ପ୍ରସଙ୍ଗକୁ ଏକ ଓଲଟା ମୋଡ଼ ଦେବାକୁ ଚେଷ୍ଟା କରୁଛି । ଜାନୁଆରି ୧୮ ତାରିଖରେ ସିଙ୍ଗୁରର ସିଙ୍ଗେର ଭେରି ମୌଜାରେ ମୋଦୀ ଏକ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି । ବର୍ଷ ବର୍ଷ ଧରି ଫ୍ରିଜ୍ ହୋଇ ରହିଥିବା ଶିଳ୍ପ-ବନାମ ଜମି ବିତର୍କ ପୁନର୍ଜୀବିତ ହୋଇଛି । ଯଦି ବଙ୍ଗଳାରେ ବିଜେପି କ୍ଷମତାକୁ ଆସେ ତେବେ ଟାଟାକୁ ସିଙ୍ଗୁରକୁ ଫେରାଇ ଆଣିବ ବୋଲି ପ୍ରତିଶ୍ରୁତି ଦେଇଛି । ୨୦୦୮ରେ ଟାଟା ମୋଟର୍ସ ସିଙ୍ଗୁରରୁ ବାହାରିବା ପରଠାରୁ, ନାନୋ ପ୍ଲାଣ୍ଟ ପାଇଁ ଅଧିଗ୍ରହଣ କରାଯାଇଥିବା ପ୍ରାୟ ୧,୦୦୦ ଏକର ଜମିର ଏକ ବଡ଼ ଅଂଶ ପରିତ୍ୟକ୍ତ, ବୁଦା ଆଚ୍ଛାଦିତ ଓ ମୁଖ୍ୟତଃ ଚଷ ଅନୁପଯୁକ୍ତ ହୋଇ ରହିଛି, ମାତ୍ର ୩୦୦ ଏକର ଚଷ ପାଇଁ ପୁନରୁଦ୍ଧାର କରାଯାଇଛି ।

## ନିଜ ଜନ୍ମଦିନରେ ସବର୍ଣ୍ଣ କାର୍ଡ ଖେଳିଲେ ମାୟାବତୀ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ବିଏସପି ସୁପ୍ରିମୋ ମାୟାବତୀ ଗୁରୁବାର ତାଙ୍କ ୭୦ତମ ଜନ୍ମଦିନ ପାଳନ ଅବସରରେ ରାଜଧାନୀ ଲକ୍ଷ୍ନୌରେ ଏକ ବଡ଼ ରାଜନୈତିକ ରଣନୀତି ଆପଣେଇଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ୨୦୨୫ ଶୀତକାଳୀନ ଅଧିବେଶନ ସମୟରେ, ସମାଜବାଦୀ ପାର୍ଟି, କଂଗ୍ରେସ ଏବଂ ବିଜେପିର ବ୍ରାହ୍ମଣ ବିଧାୟକମାନେ ଏକ ବୈଠକ କରିଥିଲେ । ସେମାନେ ବିଜେପି ସରକାର ବିରୋଧରେ ଉପେକ୍ଷା ପ୍ରସଙ୍ଗ ଉଠାଇଥିଲେ । ସେହିପରି କ୍ଷତ୍ରିୟ ବିଧାୟକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସମ୍ପ୍ରତି ଉଭୟ ସବର୍ଣ୍ଣ ବର୍ଗଙ୍କ ସହିତ କ'ଣ ଘଟିଛି ତାହା କାହାକୁ ଅଛପା ନାହିଁ । ଯଦି ବିଏସପି ସରକାର ଗଠନ କରେ, ତେବେ ଦଳ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେବ । ଏଭଳି ମନ୍ତବ୍ୟ ଦେଇ ସେ ସବର୍ଣ୍ଣ କାର୍ଡ ଖେଳିଛନ୍ତି । ମାୟାବତୀ କହିଛନ୍ତି, ଆମେ ସର୍ବଦା ବ୍ରାହ୍ମଣ ସମାଜକୁ ପ୍ରତିନିଧିତ୍ୱ ଦେଇଆସିଛୁ । ବ୍ରାହ୍ମଣମାନେ କାହା ଦ୍ୱାରା ଭ୍ରମିତ ହେବା ଉଚିତ ନୁହେଁ । ବ୍ରାହ୍ମଣମାନଙ୍କ ବିରୋଧରେ ଯେକୌଣସି ପ୍ରକାରର ଅତ୍ୟାଚାରକୁ ରୋକିବା ପାଇଁ ବିଏସପି ସରକାର କ୍ଷମତାକୁ ଆସିବା ଆବଶ୍ୟକ । ସେ କ୍ଷତ୍ରିୟ ବିଧାୟକଙ୍କ ବିଷୟରେ ଉଲ୍ଲେଖ କରି କହିଛନ୍ତି, ଆମେ ସରକାରକୁ ଆସିଲେ ସେମାନଙ୍କୁ ମଧ୍ୟ ପୂର୍ଣ୍ଣ ସମ୍ମାନ ଦିଆଯିବ । ବିଏସପି ସରକାରରେ ସମଗ୍ର ସମାଜ ଉପକୃତ ହୋଇଛି । ଜାତିବାଦୀ ଦଳଗୁଡ଼ିକ ଦ୍ୱାରା କେହି ବିଭ୍ରାନ୍ତ ହେବା ଉଚିତ ନୁହେଁ । ବିଏସପି ସରକାର ସମୟରେ ମନ୍ଦିର-ମସଜିଦ ପ୍ରସଙ୍ଗ କେବେ ଉଠିନଥିଲା । ଆମ ସରକାର ସମୟରେ କେବେ ଦଙ୍ଗା ହୋଇନଥିଲା । ସରକାର ସର୍ବଜନ ସୁଖା । ସର୍ବଜନ ହିତାୟର ମୌଳିକ ନୀତି ଆଧାରରେ କାର୍ଯ୍ୟ କରୁଥିଲା । ଆଇନ ଶୃଙ୍ଖଳା ସ୍ଥିତି ସୁଦୃଢ଼ ରହିଥିଲା । ବିଏସପି ସରକାର ସମୟରେ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକୁ ପରବର୍ତ୍ତୀ ସରକାରମାନେ ନାମ ପରିବର୍ତ୍ତନ କରି ଆଗକୁ ବଢ଼ାଇଛନ୍ତି ।

## ଇରାନରେ ଭୟଙ୍କର ସ୍ଥିତି: ମରଶରୀର ରଖିବାକୁ ନାହିଁ ସ୍ଥାନ !

**ତେହେରାନ, ୧୫।୧ (ଏଜେନ୍ସି):** ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଏବଂ ହିଂସା ଦିନକୁ ଦିନ ଅତି ଭୟଙ୍କର ହେବାରେ ଲାଗିଛି । ଆନ୍ଦୋଳନକାରୀଙ୍କ ଉପରେ ଇରାନ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଫଳରେ ହଜାର ହଜାର ଲୋକଙ୍କର ଅକାଳରେ ମୃତ୍ୟୁ ହୋଇଯାଇଛି । ରାସ୍ତାରେ ସୁରକ୍ଷାକର୍ମୀ ଲୋକଙ୍କ ଉପରକୁ ସିଧାସଳଖ ଗୁଳି ଚଳାଉଛନ୍ତି । ଇରାନ ରାଜଧାନୀ ତେହେରାନରେ ଏବେ ହସ୍ପିଟାଲ ଗୁଡ଼ିକରେ ମରଶରୀର ପାଇଁ ଆଉ ଜାଗା ନାହିଁ । ରାସ୍ତାରୁ ବୁଲଡୋଜର ଲଗାଇ ମରଶରୀର ଗୁଡ଼ିକୁ ସଫା କରାଯାଉଛି । ସବୁଠାରୁ ଦୁଃଖଦାୟକ ହେଉଛି ପରିବାରଗୁଡ଼ିକୁ ଗୁଳି ପାଇଁ ଟଙ୍କା ଦେବାକୁ ବାଧ କରାଯାଉଛି, ଯେଉଁ ଗୁଳିରେ ସେମାନଙ୍କ ପିଲାଙ୍କୁ ହତ୍ୟା କରାଯାଇଛି । ଏହା ହେଉଛି ଏବେ ଇରାନରେ ବାସ୍ତବ ସ୍ଥିତି । ଭାରତରେ ରହୁଥିବା କିଛି ଇରାନ ନାଗରିକ ଇରାନରେ ସେମାନଙ୍କ ସମ୍ପର୍କୀୟ ଏବଂ ପରିବାର ସଦସ୍ୟଙ୍କ ପାଖରୁ ପାଇଥିବା ସୂଚନାରୁ ଏହା ଜଣାପଡ଼ିଛି । ତେହେରାନର ଜଣେ ବାସିନ୍ଦା ଅବଗିନେ ଖାକି ଯିଏ କି ଏବେ ଦକ୍ଷିଣ ଭାରତର ଏକ ସହରରେ ରହୁଛନ୍ତି ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ବାପା ମା'ଙ୍କ ସହ କଥା ହୋଇଥିଲେ । ସେମାନେ ସୁରକ୍ଷିତ ଥିବା କହିଛନ୍ତି । କିନ୍ତୁ ସେମାନଙ୍କ ଘରି ପାଖରେ କେବଳ ମରଶରୀର ଦେଖି ସେମାନେ ଆତଙ୍କିତ ହୋଇପଡ଼ିଛନ୍ତି । ଅବଗିନେ କହିଛନ୍ତି, ତେହରାନରେ ହସ୍ପିଟାଲ ଗୁଡ଼ିକରେ ମରଶରୀର ଭର୍ତ୍ତି ହୋଇଥିବା ତାଙ୍କ ବାପା କହିଛନ୍ତି । ପ୍ରଶାସନ ଏବେ ରାସ୍ତା ସଫା କରିବାପାଇଁ ବୁଲଡୋଜର ବ୍ୟବହାର କରୁଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି ମରଶରୀରଗୁଡ଼ିକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ଦେବାପାଇଁ ମଧ୍ୟ ୩,୬୦,୦୦୦ ଟଙ୍କା ଦାବି କରାଯାଉଛି । ଟଙ୍କା ନଦେଲେ ମରଶରୀର ଦିଆଯାଉନି । କିଛି ଅଧିକାରୀ ମଧ୍ୟ ଗୁଳିର ଟଙ୍କା ବି ମାଗୁଛନ୍ତି । ଖାକି କହିଛନ୍ତି, ଲୋକଙ୍କ ପାଇଁ ଏବେ ଅତ୍ୟନ୍ତ ସମସ୍ୟା ଉପୁଜିଛି । ସେମାନେ ବ୍ରେଡ୍ ଏବଂ ଅଣ୍ଡା ବି କିଣି ଖାଇପାରୁନାହାନ୍ତି । ମଙ୍ଗଳବାର ଇରାନ ସରକାର ଅନ୍ତର୍ଜାତୀୟ କଲ୍ ପାଇଁ ଅନୁମତି ଦେବାପରେ ଅବଗିନେ ଖାକି ତାଙ୍କ ପରିବାର ସଦସ୍ୟଙ୍କ ସହ ୩୦ ମିନିଟ୍ କଥା ହୋଇପାରିଥିଲେ ।

## ୫୦୦ କର୍ମଚାରୀଙ୍କୁ ଛଟେଇ କରିବ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ବିଶ୍ୱର ସବୁଠୁ ପ୍ରଭାବଶାଳୀ ଦାତବ୍ୟ ଅନୁଷ୍ଠାନ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ମାଇକ୍ରୋସଫ୍ଟ ପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ଉଦ୍ୟମରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛ । ୨୦୨୬ରେ ଫାଉଣ୍ଡେସନ ରେକର୍ଡ ୯୦୦ କୋଟି ଡଲାର ଖର୍ଚ୍ଚ କରିବ । ଆସନ୍ତା ୫ ବର୍ଷ ଭିତରେ ୫୦୦ କର୍ମଚାରୀଙ୍କୁ ଛଟେଇ କରାଯିବ । ଫାଉଣ୍ଡେସନ ପାଇଁ ବିଶ୍ୱବ୍ୟାପୀ ୨୩୭୫ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଫାଉଣ୍ଡେସନର ସିଇଓ ମାର୍କ ସୁଜମ୍ୟାନ୍ କହିଛନ୍ତି ଯେ ଛଟେଇ ପର୍ଯ୍ୟାୟକ୍ରମେ କରାଯିବ । କିଛି ଫାଙ୍କା ପଦକୁ ଆଉ ପୂରଣ କରାଯିବ ନାହିଁ । ବାର୍ଷିକ ପରିଚାଳନା ଖର୍ଚ୍ଚକୁ ବଜେଟର ୧୪ ପ୍ରତିଶତ କିମ୍ବା ୧୨୫ କୋଟି ଡଲାରରେ ସୀମିତ ରଖାଯିବ । ୨୦୪୫ ସୁଦ୍ଧା ଫାଉଣ୍ଡେସନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପୂର୍ବରୁ ଗେଟ୍ସ ଘୋଷଣା କରିଥିଲେ । ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଫାଉଣ୍ଡେସନ ୨୦,୦୦୦ କୋଟି ଡଲାର ଖର୍ଚ୍ଚ କରିବ ବୋଲି ସେ କହିଥିଲେ । ଗେଟ୍ସ ଫାଉଣ୍ଡେସନ ଏଭଳି ଏକ ସମୟରେ ନିଜକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ କରିଛି ଯେତେବେଳେ ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଲାଗି ବିଶ୍ୱସ୍ତରରୁ ମିଳୁଥିବା ସହାୟତା ସଙ୍କୁଚିତ ହେବାରେ ଲାଗିଛି । ଗତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସୂଚୀରେ ଅବନତି ହୋଇଥିବାରୁ ଗେଟ୍ସ ଚିନ୍ତା ପ୍ରକଟ କରିଛନ୍ତି । ଶିଶୁ ମୃତ୍ୟୁ ହାର ଦୁଇ ଦଶନ୍ଧିର ଉଚ୍ଚସ୍ତରରେ ପହଞ୍ଚିଛି । ପୂର୍ବ ସ୍ଥିତି ଫେରାଇ ଆଣିବା ଲାଗି ଆସନ୍ତା ୫ ବର୍ଷ ବହୁତ ପରିଶ୍ରମ କରିବାକୁ ପଡ଼ିବ । ଆଗାମୀ ଦିନରେ ଫାଉଣ୍ଡେସନ ପକ୍ଷରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ସଂକ୍ରାମକ ରୋଗ ପ୍ରତିରୋଧ ଓ ଦାରିଦ୍ର୍ୟ ଦୂରୀକରଣ ଉପରେ ଗରୁତ୍ୱ ଦିଆଯିବ ।

## ଝାଡ଼ଖଣ୍ଡରେ ଇଡି-ପୁଲିସ ମୁହାଁମୁହିଁ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ପଶ୍ଚିମବଙ୍ଗ ପରେ ଝାଡ଼ଖଣ୍ଡରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଓ ରାଜ୍ୟ ପୁଲିସ ମଧ୍ୟରେ ପୁଣି ମୁହାଁମୁହିଁ ଆରମ୍ଭ ହୋଇଛି । ଜଳ ଯୋଗାଣ ଦୁର୍ନୀତିର ତଦନ୍ତ ଚାଲିଥିବା ବେଳେ ଜଣେ ଅଭିଯୁକ୍ତ ସନ୍ତୋଷ କୁମାରଙ୍କୁ ଇଡି ଅଧିକାରୀମାନେ ପଚରାଉଚରା ସମୟରେ ମାଡ଼ ମାରିଥିଲେ ବୋଲି କୁମାର ପୁଲିସ ଆଗରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ନେଇ ରାଞ୍ଚି ପୁଲିସର ଏକ ଟିମ୍ ଜାନୁଆରି ୧୫ ତାରିଖ ସକାଳେ ବିପୁଳ ସଂଖ୍ୟାରେ ଏୟାରପୋର୍ଟ ରୋଡରେ ଥିବା ଇଡି କାର୍ଯ୍ୟାଳୟରେ ପହଞ୍ଚିଥିଲେ । ରାଞ୍ଚିର ଅପର ଚୁଟିଆର ବାସିନ୍ଦା ସନ୍ତୋଷ କୁମାର ଇଡିର ସହକାରୀ ନିର୍ଦ୍ଦେଶକ (ଦ୍ୱିତୀୟ) ପ୍ରତୀକ ଓ ତାଙ୍କ ସହକାରୀ ଶୁଭମଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ତାଙ୍କ ଅଭିଯୋଗ ପରେ ପୁଲିସ ବିମାନବନ୍ଦର ଥାନାରେ ମାମଲା ନମ୍ବର ୦୫/୨୦୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଇଡି ଓ ରାଜ୍ୟ ପୁଲିସ ମଧ୍ୟରେ ଏହି ଆଇନଗତ ଓ ପ୍ରଶାସନିକ ବିବାଦ ନୂଆ ନୁହେଁ । ଏହା ପୂର୍ବରୁ ବେଆଇନ ଖଣି ଖନନ ଓ ସାହିବଗଞ୍ଜ ଟୋଲ୍ ଟେଣ୍ଡର ମାମଲାକୁ ନେଇ ଦୁଇ ଏଜେନ୍ସି ମଧ୍ୟରେ ସଂଘର୍ଷ ହୋଇଥିଲା । ଏପରିକି ରାଜ୍ୟ ସରକାର କେନ୍ଦ୍ରୀୟ ଏଜେନ୍ସିମାନଙ୍କ ଦ୍ୱାରା ପଚରାଉଚରା ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍ଓପି) ପ୍ରସ୍ତୁତ କରିଥିଲେ, ଯାହାକୁ ସଂସଦ ଦ୍ୱାରା ଦିଆଯାଇଥିବା କ୍ଷମତାର ଉଲ୍ଲଂଘନ ବୋଲି ଦର୍ଶାଇ ଇଡି ପ୍ରତ୍ୟାଖ୍ୟାନ କରିଥିଲା ।

## ୨୦୩୦ ସୁଦ୍ଧା ଦେଶରେ ବଢ଼ିବ ଫୁସଫୁସ୍ କ୍ୟାନସର ବିପଦ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ସାରା ବିଶ୍ୱରେ କର୍କଟ ରୋଗ ଲଗାତାର ବୃଦ୍ଧି ପାଉଛି । ନିକଟରେ ଇଣ୍ଡିଆନ୍ ଜର୍ଣ୍ଣାଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ୨୦୩୦ ସୁଦ୍ଧା ଭାରତରେ ଫୁସଫୁସ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶା କରାଯାଉଛି । ରିପୋର୍ଟରେ କୁହାଯାଇଛି ଯେ ଦେଶର ଉତ୍ତର-ପୂର୍ବ ଅଞ୍ଚଳ ସବୁଠାରୁ ଅଧିକ ପ୍ରଭାବିତ ହେବ, ଯେତେବେଳେ ମହିଳାଙ୍କ ମଧ୍ୟରେ ମାମଲା ବୃଦ୍ଧିର ହାର ସବୁଠାରୁ ଦ୍ରୁତ ହେବ । WHO ଅନୁଯାୟୀ, ଫୁସଫୁସ କର୍କଟ ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ସମସ୍ୟା । ୨୦୨୨ ରେ, ସାରା ବିଶ୍ୱରେ ପ୍ରାୟ ୨ କୋଟି ନୂତନ କର୍କଟ ରୋଗୀଙ୍କ ସଂଖ୍ୟା ସାମନାକୁ ଆସିଥିଲା । ଏଥିରେ ୯୭ ଲକ୍ଷ ଲୋକଙ୍କର ମଧ୍ୟ ମୃତ୍ୟୁ ରିପୋର୍ଟ ଦର୍ଶାଉଛି ଯେ, ପ୍ରତି ପାଞ୍ଚ ଜଣଙ୍କ ମଧ୍ୟରୁ ଜଣେ ତାଙ୍କ ଜୀବନକାଳର କୌଣସି ସମୟରେ କର୍କଟ ରୋଗରେ ପୀଡିତ ହୋଇପାରନ୍ତି । ଫୁସଫୁସ କର୍କଟ ରୋଗ ସେତେବେଳେ ହୁଏ ଯେତେବେଳେ ଫୁସଫୁସ କୋଷଗୁଡ଼ିକ ଅନିୟନ୍ତ୍ରିତ ଭାବରେ ବୃଦ୍ଧି ପାଇବା ଆରମ୍ଭ କରନ୍ତି । ଏହି କ୍ଷତିଗ୍ରସ୍ତ କୋଷଗୁଡ଼ିକ ମିଶି ଗଣ୍ଠି କିମ୍ବା ଟ୍ୟୁମର ଗଠନ କରନ୍ତି, ଯାହା ଫୁସଫୁସର ସାଧାରଣ କାର୍ଯ୍ୟକୁ ବାଧା ଦିଏ ଏବଂ ଧୀରେ ଧୀରେ ଅନ୍ୟ ଅଙ୍ଗଗୁଡ଼ିକୁ ପ୍ରଭାବିତ କରେ । ICMR ଦ୍ୱାରା ଏକ ନୂତନ ଅଧ୍ୟୟନ ଅନୁଯାୟୀ, ଉତ୍ତର-ପୂର୍ବରେ ଫୁସଫୁସ କର୍କଟ ରୋଗର ସର୍ବାଧିକ ସଂଖ୍ୟା ହେବାର ଆଶା କରାଯାଉଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଠାରେ ମହିଳାମାନଙ୍କ ମଧ୍ୟରେ ଫୁସଫୁସ କର୍କଟ ରୋଗର ଘଟଣା ପୁରୁଷଙ୍କ ସହିତ ପ୍ରାୟ ସମାନ । ଅଧ୍ୟୟନରେ ଦେଶର ଛଅଟି ବିଭିନ୍ନ ଅଞ୍ଚଳର ୫୭ ସ୍ଥାନର ତଥ୍ୟକୁ ନେଇ ପର୍ଯ୍ୟବେକ୍ଷଣ କରାଯାଇଥିଲା । ଆଇଜଲ ତାଲିକାର ଶୀର୍ଷରେ ଥିଲା, ପୁରୁଷଙ୍କ ମଧ୍ୟରେ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୩୫.୯ ଏବଂ ମହିଳାଙ୍କ ମଧ୍ୟରେ ୩୩.୭ ମାମଲା ଏବଂ ସର୍ବୋଚ୍ଚ ମୃତ୍ୟୁହାର ମଧ୍ୟ ରହିଛି । ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ଏହି ଅଞ୍ଚଳରେ ଅତ୍ୟଧିକ ତମାଖୁ ବ୍ୟବହାର ଏକ ପ୍ରମୁଖ କାରଣ ହୋଇ ରହିଛି । ୬୮ ପ୍ରତିଶତରୁ ଅଧିକ ପୁରୁଷ ଏବଂ ପ୍ରାୟ ୫୪ ପ୍ରତିଶତ ମହିଳା ତମାଖୁ ସେବନ କରନ୍ତି । ତଥାପି, ଡାକ୍ତରମାନେ କୁହନ୍ତି ଯେ ରୋଗର ପ୍ରକୃତି ପରିବର୍ତ୍ତନ ହେଉଛି । ଏମ୍ସର ପଲମ୍ୟୁନୋଲୋଜି ବିଭାଗର ଡାକ୍ତର ସୌରଭ ମିତ୍ତଲଙ୍କ ଅନୁଯାୟୀ, 'ଆମେ ଧୂମପାନ କରୁନଥିବା ମହିଳାଙ୍କ ମଧ୍ୟରେ ମଧ୍ୟ ଫୁସଫୁସ କର୍କଟ ରୋଗ ଦେଖୁଛୁ, ଯାହା ଘର ଭିତରେ ବାୟୁ ପ୍ରଦୂଷଣ, ବାୟୋମାସ ଇନ୍ଧନ, ସେକେଣ୍ଡେ ହାଣ୍ଡ ସ୍ମୋକ୍ ଏବଂ କର୍ମକ୍ଷେତ୍ର-ସମ୍ବନ୍ଧୀୟ ପ୍ରଦୂଷଣ ସହିତ ଜଡିତ ।'ଅଧ୍ୟୟନରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଦକ୍ଷିଣ ଭାରତର କନ୍ନୁର, କାସରଗୋଡ ଏବଂ କୋଲ୍ଲମ ଭଳି ଜିଲ୍ଲାଗୁଡ଼ିକରେ, ତୁଳନାତ୍ମକ ଭାବରେ କମ୍ ତମାଖୁ ଏବଂ ମଦ୍ୟପାନ ସତ୍ତ୍ୱେ ପୁରୁଷମାନଙ୍କ ମଧ୍ୟରେ ଫୁସଫୁସ କର୍କଟ ହାର ଅଧିକ । ଦକ୍ଷିଣରେ, ମହିଳାମାନଙ୍କ ମଧ୍ୟରେ ସର୍ବାଧିକ ମାମଲା ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁରେ ରେକର୍ଡ କରାଯାଇଛି । ଉତ୍ତର ଭାରତରେ, ଶ୍ରୀନଗରରେ ପୁରୁଷମାନଙ୍କ ମଧ୍ୟରେ ଅଧିକ ମାମଲା ଦେଖିବାକୁ ମିଳିଥିଲା । ସେଭଳି ଶ୍ରୀନଗର ଏବଂ ପୁଲୱାମାରେ ମଧ୍ୟ ଧୂମପାନ ହାର କମ ଥିବା ସତ୍ତ୍ୱେ ମହିଳାମାନଙ୍କ ମଧ୍ୟରେ ଉଚ୍ଚ ହାର ଦେଖିବାକୁ ମିଳିଥିଲା । ରିପୋର୍ଟ ଅନୁଯାୟୀ, କିଛି ଅଞ୍ଚଳରେ, ମହିଳାମାନଙ୍କ ମଧ୍ୟରେ ପ୍ରତିବର୍ଷ ପ୍ରାୟ ୬.୭ ପ୍ରତିଶତ ଏବଂ ପୁରୁଷମାନଙ୍କ ମଧ୍ୟରେ ୪.୩ ପ୍ରତିଶତ ହାରରେ ଫୁସଫୁସ କର୍କଟ ମାମଲା ବୃଦ୍ଧି ପାଉଛି । ତିରୁବନନ୍ତପୁରମରେ ମହିଳାମାନଙ୍କ ମଧ୍ୟରେ ସର୍ବାଧିକ ବୃଦ୍ଧି ଏବଂ ପୁରୁଷମାନଙ୍କ ମଧ୍ୟରେ ଡିଣ୍ଡିଗୁଲରେ ସର୍ବାଧିକ ବୃଦ୍ଧି ଘଟିଛି ।

## ଦିଲ୍ଲୀରୁ ୧୯୦ଯାତ୍ରୀଙ୍କୁ ନେଇ ଯାଉଥିବା ବିମାନରେ ଲାଗିଲା ନିଆଁ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):** ଦିଲ୍ଲୀରେ ୨୪ ଘଣ୍ଟା ଭିତରେ ଏୟାର ଇଣ୍ଡିଆର ଦୁଇଟି ବିମାନରେ ବସିଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଗୋଟିଏ ବିମାନର ଏପିୟୁରେ ନିଆଁ ଲାଗିବା ପରେ ତାକୁ ତତ୍କାଳ ଇନ୍ଦିରା ଗାନ୍ଧୀ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ପୁଣି ରଖାଯାଇ ଆଉ ଏକ ଇଞ୍ଜିନରେ ଏକ କଣ୍ଟେନର ଲଗାଯାଇ ଥିଲା । ସୌଭାଗ୍ୟ ଯାଏ , କୌଣସି ବଡ଼ ଦୁର୍ଘଟଣା ଘଟି ନାହିଁ । ସିଙ୍ଗାପୁର ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନର ଯାନ୍ତ୍ରିକ ତ୍ରୁଟି କାରଣରୁ ବୁଧବାର ବିଳମ୍ବିତ ରାତିରେ ରାଜଧାନୀ ଦିଲ୍ଲୀ ଫେରି ଆସିଥିଲା । ପିଟିଆଇ ସୂତ୍ରାନୁସାରେ ଦର୍ଶାଇଛି ଯେ, ବିମାନରେ ପାଖାପାଖି ୧୯୦ ଜଣ ଲୋକ ବସି ଥିଲେ । ସୂତ୍ରାନୁସାରେ, ଡ୍ରିମଲାଇନର ବିମାନରେ ଏପିୟୁ (ଅକ୍ସିଲିୟରୀ ପାୱାର ୟୁନିଟ୍)ରେ ଅଗ୍ନିକାଣ୍ଡର ସତର୍କ ସୂଚନା ମିଳିଥିଲା, ଏହାପରେ ବିମାନ ପାଖାପାଖି ଏକ ଘଣ୍ଟା ଯାଏ ବାୟୁରେ ରହିବା ପରେ ଦିଲ୍ଲୀ ଫେରିଆସି ଥିଲା । ଯାତ୍ରୀଙ୍କୁ ବୈକଳ୍ପିକ ବିମାନ ଦ୍ୱାରା ସିଙ୍ଗାପୁର ପଠାଯାଇ ଥିଲା । ଏହି ସମ୍ବନ୍ଧରେ ସଂପର୍କ କରିବା ପରେ ଏୟାର ଇଣ୍ଡିଆର ଜଣେ ପ୍ରବକ୍ତା କହିଥିଲେ ଯେ, ୧୪ ଜାନୁଆରୀରେ ଦିଲ୍ଲୀରୁ ସିଙ୍ଗାପୁର ଯାଉଥିବା ବିମାନ ଏଆଇ ୨୩୮୦ର ପରିଚାଳନା ଦଳ ସମ୍ଭାବିତ ଯାନ୍ତ୍ରିକ ତ୍ରୁଟି ଯୋଗୁଁ



ଉଡ଼ାଣ ଭରିବାର କିଛି ହିଁ ସମୟ ପରେ ଦିଲ୍ଲୀ ଫେରିବାକୁ ନିଷ୍ପତ୍ତି ନେଇଥିଲା । ବିମାନଟି ଦିଲ୍ଲୀରେ ସୁରକ୍ଷିତ ଅବତରଣ କରିଥିଲା । ଦିଲ୍ଲୀରେ ଆମର ଟିମ୍ ଯାତ୍ରୀଙ୍କୁ ସବୁ ଆବଶ୍ୟକତା ସହାୟତା ପ୍ରଦାନ କରିଥିଲେ ଏବଂ ତାଙ୍କୁ ବୈକଳ୍ପିକ ବିମାନରେ ସିଙ୍ଗାପୁର ଅଭିମୁଖେ ପ୍ରସ୍ଥାନ କରାଯାଇ ଥିଲା । ପ୍ରବକ୍ତା ଏହି ଅପ୍ରତ୍ୟାଶିତ ସ୍ଥିତି କାରଣରୁ ଯାତ୍ରୀଙ୍କୁ ହୋଇଥିବା ଅସୁବିଧାକୁ ନେଇ ଦୁଃଖ ପ୍ରକାଶ ମଧ୍ୟ କରିଛନ୍ତି । ଅନ୍ୟ ଏକ ଘଟଣାରେ ଏୟାର ଇଣ୍ଡିଆର ଏକ ବିମାନ ଏୟାରପୋର୍ଟରେ ଏକ କଣ୍ଟେନରକୁ ନିଜ ଆଡ଼କୁ ଟାଣି ଥିଲା । ଏଥିରେ ଇଞ୍ଜିନ କ୍ଷତିଗ୍ରସ୍ତ ହୋଇ ଯାଇ ଥିଲା । ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ମୁତାବିକ , ଏୟାର ଇଣ୍ଡିଆର ଏ୩୫୦ ବିମାନର ଇଞ୍ଜିନରେ ଗୁରୁବାର କଣ୍ଟେନର ପଶି ଯାଇଥିଲା । ବିମାନରେ ବସିଥିବା ଜଣେ ଯାତ୍ରୀ ଘଟଣାକୁ ନିଜ ମୋବାଇଲ କ୍ୟାମେରାରେ କଏଦ କରି ଥିଲେ । ଘଟଣାକୁ ନେଇ ଏୟାର ଇଣ୍ଡିଆର ବୟାନ ସାମ୍ନାକୁ ଆସିଛି ।

## ମମତାଙ୍କୁ ସୁପ୍ରିମକୋର୍ଟଙ୍କ ବଡ଼ ଝଟକା

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):** କୋଲକାତାର I-PAC କାର୍ଯ୍ୟାଳୟରେ ହୋଇଥିବା ଚଢାଉ ମାମଲା ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି ଏବଂ ଏହି ଲଢ଼େଇ ଏବେ ED ଏବଂ ମମତା ବାନାର୍ଜୀଙ୍କ ମଧ୍ୟରେ ଲଢ଼େଇରେ ପରିଣତ ହୋଇଛି । ଏଥିରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାର ଅର୍ଥାତ୍ ମମତା ବାନାର୍ଜୀଙ୍କ ସରକାର ଏବଂ କୋଲକାତା ପୋଲିସକୁ ଏକ ବଡ଼ ଝଟକା ଦେଇଛନ୍ତି । ରାଜନୈତିକ ପରାମର୍ଶଦାତା ଓ-PAC କାର୍ଯ୍ୟାଳୟ ଏବଂ ଏହାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ପରିସରରେ ଚଢାଉ ସହିତ ଜଡିତ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଧିକାରୀଙ୍କ ବିରୁଦ୍ଧରେ ରୁଜୁ ହୋଇଥିବା FIR କୁ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି । ଏହା ସହିତ ତଦନ୍ତରେ 'ବାଧା' ସୃଷ୍ଟି କରିବା ଅଭିଯୋଗରେ ଇଡ଼ିର ଆବେଦନ ଉପରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ସରକାର, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, DGP ରାଜୀବ କୁମାର ଏବଂ ଅନ୍ୟମାନଙ୍କ ନିକଟକୁ ନୋଟିସ୍ ଜାରି କରିଛନ୍ତି । ବିଚାରପତି ପ୍ରଶାନ୍ତ ମିଶ୍ର ଏବଂ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ବେଙ୍ଗଲ ଡିଜିପି ରାଜୀବ କୁମାର ଏବଂ କୋଲକାତା ପୋଲିସ କମିସନର ମନୋଜ କୁମାର ବର୍ମାଙ୍କୁ ନିଲମ୍ବନ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସିର ଆବେଦନ ଉପରେ ଗୃହ ମନ୍ତ୍ରଣାଳୟ, କାର୍ମିକ ଏବଂ ତାଲିମ ବିଭାଗ, ମମତା ବାନାର୍ଜୀ ଏବଂ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କଠାରୁ ଜବାବ ମାଗିଛନ୍ତି । କୋର୍ଟ ଏହି ମାମଲାର ସିବିଆଇ ତଦନ୍ତ ଦାବି କରୁଥିବା ଏକ ଆବେଦନ ଉପରେ ମଧ୍ୟ ଜବାବ ମାଗିଛନ୍ତି । ଏହାସହ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗ ପୋଲିସକୁ I-PAC ପରିସରରେ ଚଢାଉର CCTV ଫୁଟେଜ୍ ସଂରକ୍ଷଣ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ EDର ନୂତନ ଆବେଦନର ଶୁଣାଣି ପାଇଁ ଫେବୃଆରୀ ୩ ତାରିଖ ଧାର୍ଯ୍ୟ କରିଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି,EDର ଆବେଦନ ଅନେକ ଗମ୍ଭୀର ପ୍ରଶ୍ନ ଉଠାଇଛି, ଯଦି ଏଗୁଡ଼ିକର ଉତ୍ତର ନ ଦିଆଯାଏ, ତେବେ ବିଶୃଙ୍ଖଳା ସୃଷ୍ଟି ହେବ । ରାଜ୍ୟ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ଆଡ଼ରେ ଅପରାଧୀମାନଙ୍କୁ ସୁରକ୍ଷା ନ ମିଳିବା ପାଇଁ ଏହି ଘଟଣାର ତଦନ୍ତ କରିବା ଆବଶ୍ୟକ ।

## ଖୁବ୍ ଶୀଘ୍ର ହେବ ବଡ଼ ଯୁଦ୍ଧ

**ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି):**ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ସେନା ଦିବସ ଅବସରରେ ଜୟପୁରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, ଭାରତୀୟ ସେନା ଭବିଷ୍ୟତ ପାଇଁ ପ୍ରସ୍ତୁତ ବାହିନୀ ଭାବରେ ଆଗକୁ ବଢୁଛି । ସେ ସ୍ୱଦେଶୀ ଭାବରେ ନିର୍ମିତ ଅସ୍ତ୍ରଶସ୍ତ୍ର ଏବଂ ଉପକରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଏହାକୁ ଏକ ରଣନୈତିକ ଆବଶ୍ୟକତା ବୋଲି କହିଥିଲେ । ଶ୍ରୀ ଦ୍ୱିବେଦୀ କହିଛନ୍ତି, ଭାରତୀୟ ସେନା ଭବିଷ୍ୟତ ପାଇଁ ପ୍ରସ୍ତୁତ ବାହିନୀ ଭାବରେ ଆଗକୁ ବଢୁଛି । ଆମର ଭଲ ପ୍ରଶିକ୍ଷିତ ସୈନିକ, ଆଧୁନିକ ଉପକରଣ ଏବଂ ବହୁବିଧ କ୍ଷେତ୍ରରେ କାର୍ଯ୍ୟ କରିବାର କ୍ଷମତା ଅଛି । ଆମେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଆମର ସୈନିକମାନଙ୍କୁ ଅଧିକ ସକ୍ଷମ କରୁଛୁ, । ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ, ଗତ କିଛି ବର୍ଷ ମଧ୍ୟରେ ଭାରତୀୟ ସେନାର ଚିନ୍ତାଧାରାରେ ଏକ ବଡ଼ ପରିବର୍ତ୍ତନ ଆସିଛି । ଆମେ କେବଳ ବର୍ତ୍ତମାନର ଚ୍ୟାଲେଞ୍ଜଗୁଡ଼ିକୁ ପୂରଣ କରିବା ଉପରେ ଧ୍ୟାନ ଦେଉନାହୁଁ, ବରଂ ଭବିଷ୍ୟତର ଯୁଦ୍ଧ ପାଇଁ ମଧ୍ୟ ପ୍ରସ୍ତୁତ ହେଉଛୁ । ଏଥିପାଇଁ, ଆମେ ନୂତନ ସଂଗଠନ ସୃଷ୍ଟି କରୁଛୁ ଯାହାକୁ ଭବିଷ୍ୟତର ଆବଶ୍ୟକତା ପୂରଣ କରିବା ପାଇଁ ସଜ୍ଜିତ କରାଯାଉଛି । ସେନା ମୁଖ୍ୟ ଏହି ଅବସରରେ ଭୈରବ ବାଟାଲିଅନ୍ ଏବଂ ଶକ୍ତି ବାଣ ରେଜିମେଣ୍ଟ ଭଳି ନୂତନ ୟୁନିଟ୍ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ । ସେ କହିଛନ୍ତି, ଏହା ଦର୍ଶାଉଛି ଯେ ଆମେ ଭବିଷ୍ୟତର ଚ୍ୟାଲେଞ୍ଜଗୁଡ଼ିକୁ ପୂରଣ କରିବା ପାଇଁ ପ୍ରସ୍ତୁତ ଏକ ଚତୁର, ଦ୍ରୁତ ପ୍ରତିକ୍ରିୟାଶୀଳ ଏବଂ ମିଶନ-ମୁଖୀ ସେନା ନିର୍ମାଣ କରୁଛୁ । ପରେଡ୍ ବିଷୟରେ କହିବାକୁ ଗଲେ, ସେ କହିଛନ୍ତି ଯେ ଆଜିର ପରେଡ୍ ପରମ୍ପରା ଏବଂ ପରିବର୍ତ୍ତନର ଏକ ସୁନ୍ଦର ମିଶ୍ରଣକୁ ପ୍ରଦର୍ଶିତ କରିଛି । ନେପାଳ ସେନା ବ୍ୟାଣ୍ଡ ଆମର ଦୃଢ଼ ସମ୍ପର୍କକୁ ପ୍ରଦର୍ଶନ କରିଛି, ସେହିପରି ନୂତନ ୟୁନିଟ୍ ସେନାର ବର୍ଦ୍ଧିତ ଶକ୍ତିକୁ ପ୍ରଦର୍ଶନ କରିଛି । ସେନାର ପ୍ରସ୍ତୁତି ଉପରେ ବିଶ୍ୱାସ ପ୍ରକାଶ କରି ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ, ଭାରତୀୟ ସେନା ଯେକୌଣସି ପ୍ରକାରର ଆକ୍ରମଣ ପାଇଁ ସର୍ବଦା ସମ୍ପୂର୍ଣ୍ଣ ପ୍ରସ୍ତୁତ । ଆମେ ଭବିଷ୍ୟତର ଯୁଦ୍ଧ ପାଇଁ ମଧ୍ୟ ପ୍ରସ୍ତୁତ ।



# ଶିଶିର ସରସରେ ଗ୍ରାସରୁଟ ଇନୋଭେସନ ମାଧ୍ୟମରେ ଗ୍ରାମୀଣ ଉନ୍ନତି ସମ୍ବନ୍ଧୀୟ କର୍ମଶାଳା



**ଭୁବନେଶ୍ୱର, ୧୫।୧ (ନି.ପ୍ର):** ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲୁଥିବା ଶିଶିର ସରସ-୨୦୨୬ ମେଳାର ୬ଷ୍ଠ ତମ ଦିବସ ଅବସରରେ ଆଜି 'ଗ୍ରାସରୁଟ୍ ଇନୋଭେସନ ମାଧ୍ୟମରେ ଗ୍ରାମୀଣ ଉନ୍ନତି' ଏକ ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ପାଇଁ ସ୍ୱଳ୍ପ ଖର୍ଚ୍ଚ, ସହଜ ଓ ସଂସାଧନ-ସଞ୍ଚୟକାରୀ ପ୍ରଯୁକ୍ତିଗୁଡ଼ିକୁ ଗ୍ରହଣ କରିବା ଦିଗରେ ଗ୍ରାମୀଣ ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ପ୍ରୋତ୍ସାହିତ କରିବା । ସ୍ୱଳ୍ପ ଖର୍ଚ୍ଚରେ ଅଧିକ ଉତ୍ପାଦନ, ପ୍ରାଥମିକ ପ୍ରକ୍ରିୟାକରଣ ସମ୍ବନ୍ଧୀୟ ପ୍ରୟୋଗାତ୍ମକ ପ୍ରବନ୍ଧନ, ଉତ୍ପାଦକତା ବୃଦ୍ଧି ଓ ଉତ୍ପାଦର ଗୁଣାତ୍ମକ ସ୍ଥିରତା ନିଶ୍ଚିତ କରିବାରେ ସହାୟକ ନୂତନ ପ୍ରଯୁକ୍ତିଗୁଡ଼ିକ ବିଷୟରେ ଆଲୋଚନା ହୋଇଥିଲା । ଏହି କର୍ମଶାଳାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ଗ୍ରାମୀଣ ଉଦ୍ୟୋଗୀ, ଓ ଉତ୍ପାଦକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ଉପଯୁକ୍ତ ପ୍ରଯୁକ୍ତି ଚୟନ କରିବା, ପୁରାତନ ପ୍ରଣାଳୀ ସହ ନୂତନ ପ୍ରଯୁକ୍ତିର ସମନ୍ୱୟ ଭିତ୍ତିରେ କାର୍ଯ୍ୟ କରିବା ଆଦି ବିଷୟରେ କର୍ମଶାଳାରେ ଜ୍ଞାନ ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରସ୍ଥିତ ନ୍ୟାସନାଲ ଇନୋଭେସନ ଫାଉଣ୍ଡେସନ (ଏନ୍‌ଆଇଏଫ୍)ର ବିଶେଷଜ୍ଞମାନେ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ କ୍ଷେତ୍ରସ୍ତରୀୟ ବିଭିନ୍ନ ପ୍ରଯୁକ୍ତି, ସେଗୁଡ଼ିକର ବ୍ୟବହାରିକ ପ୍ରୟୋଗ ଓ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରଯୁକ୍ତି ବିଦ୍ୟାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ ।

# ନୁଭୋକୋ ଭିସ୍ତାସର ସର୍ବାଧିକ ୫ ଏମଏମଟିର ବିକ୍ରି ରେକର୍ଡ

**ଭୁବନେଶ୍ୱର, ୧୫।୧ (ନି.ପ୍ର) :** ଭାରତର ଏକ ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଗତ ଡିସେମ୍ବର ୩୧ ତାରିଖ ୨୦୨୫ରେ ଶେଷ ହୋଇଥିବା ଏହାର ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସିକ ଫଳାଫଳ ଘୋଷଣା କରିଛି । କମ୍ପାନୀ ବଦରାଜ ସିମେଣ୍ଟ କାରଖାନାରେ ପ୍ରକଳ୍ପ କାର୍ଯ୍ୟକାରିତା ସହିତ ପୂର୍ବାଂଚଳରେ ରଣନୈତିକ କ୍ଷମତା ସମ୍ପ୍ରସାରଣ ଉପରେ ଏହାର ପ୍ରଗତି ବଜାୟ ରଖିଛି, ଏଥିସହିତ ୨୦୨୬-୨୭ ଆର୍ଥିକ ବର୍ଷରେ ଏହାର କ୍ଲିଙ୍କର ୟୁନିଟ ଓ ଗ୍ରାଇଣ୍ଡିଙ୍ଗ ୟୁନିଟର ପରିଚାଳନା କାର୍ଯ୍ୟ ପର୍ଯ୍ୟାୟକ୍ରମେ ଆରମ୍ଭ ହେବା ପାଇଁ ଯୋଜନା ରହିଛି । ଏହି ପଦକ୍ଷେପଗୁଡ଼ିକ ନୁଭୋକୋର ମୋଟ ସିମେଣ୍ଟ ଉତ୍ପାଦନ କ୍ଷମତାକୁ ୩୫ ଏମଏମଟିପିଏକୁ ବୃଦ୍ଧି କରିଛି, ଯାହାଫଳରେ ଦୀର୍ଘାବଧି ପାଇଁ ଭାରତରେ ୫ମ ସର୍ବବୃହତ ସିମେଣ୍ଟ ଗ୍ରୁପ ଭାବେ ଏହାର ସ୍ଥିତି ସୁଦୃଢ଼ ହୋଇଛି । ତ୍ରୈମାସିକର ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କମ୍ପାନୀ ବାର୍ଷିକ ଆଧାରରେ ଉନ୍ନତ ପ୍ରଦର୍ଶନ ଜାରି ରଖିଥିଲା । କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷର ୩ୟ ତ୍ରୈମାସିକରେ ୫ ଏମଏମଟିର ସର୍ବୋଚ୍ଚ ୩ୟ ତ୍ରୈମାସିକ ସିମେଂଟ ବିକ୍ରି ପରିମାଣ ହାସଲ କରିବା ସହିତ ବାର୍ଷିକ ଆଧାରରେ ୭%ର ଏକ ଅଭିବୃଦ୍ଧି ପଞ୍ଜିକୃତ କରିଛି । ସେହିପରି ଏହି ୩ୟ ତ୍ରୈମାସିକରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ବାର୍ଷିକ ଆଧାରରେ ୧୨% ବୃଦ୍ଧି ହୋଇ ଟ.୨,୭୦୧କୋଟି ଟଙ୍କାରେ ପହଂଚିଛି । କମ୍ପାନୀ ଏହି ତ୍ରୈମାସିକ ସମୟରେ ବାର୍ଷିକ ଆଧାରରେ ୫୦% ବୃଦ୍ଧି ସହ ୩୮୬ କୋଟି ଟଙ୍କାର ମୋଟ ଏବିଟଡା ହାସଲ କରିଛି ।

କମ୍ପାନୀର ଏହି ପ୍ରଦର୍ଶନ ସମ୍ପର୍କରେ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, 'ଅକ୍ଟୋବର ଓ ନଭେମ୍ବର ମାସ ଆରମ୍ଭରେ ଦୀର୍ଘ ମୌସୁମୀ ବର୍ଷାରୁ ସୃଷ୍ଟି ହୋଇଥିବା ଆହ୍ୱାନ ଏବଂ ଚାହିଦାକୁ ଦୁର୍ବଳ କରିଥିବା ପାର୍ବଣ ଋତୁ ସତ୍ତ୍ୱେ ଡିସେମ୍ବର ଉନ୍ନତ ଦୁଇ ଅଙ୍କ ଅଭିବୃଦ୍ଧି ପରିଲକ୍ଷିତ କରିଥିଲା, ଯାହା ମଜବୁତ ପୁନରୁଦ୍ଧାର ବେଗକୁ ପ୍ରଦର୍ଶିତ କରୁଛି । କମ୍ପାନୀ ଏବିଟଡା କ୍ଷେତ୍ରରେ ସର୍ବୋଚ୍ଚ ୩ୟ ତ୍ରୈମାସିକ ସଂଖ୍ୟା ଓ ଏକ ୫୦%ର ବାର୍ଷିକ ବୃଦ୍ଧି ହାସଲ କରିଛି, ଯାହା ପ୍ରିମିୟମାଇଜେଶନ ଓ ପରିଚାଳନାଗତ ଉତ୍କର୍ଷତା ଉପରେ ଏକ ସ୍ଥାୟୀ ମହତ୍ତ୍ୱ ଦ୍ୱାରା ପରିଚାଳିତ । 'ଲଗାତର ୨ୟ ତ୍ରୈମାସିକ ପାଇଁ ପ୍ରିମିୟମାଇଜେଶନ ୪୪%ର ସର୍ବୋଚ୍ଚ ସ୍ତରରେ ବଜାୟ ରହିବା ସହିତ ପ୍ରିମିୟମ ଉତ୍ପାଦଗୁଡ଼ିକ ନିଜର ମଜବୁତ ପ୍ରଦର୍ଶନ ଜାରି ରଖିଛନ୍ତି । ଏହି ମଜବୁତ ପ୍ରଦର୍ଶନ ନୁଭୋକୋ କଙ୍କ୍ରେଟୋ ଓ ନୁଭୋକୋ ଡ୍ୟୁରାଗାର୍ଡ ଫ୍ରାଂଚାଇଜି ପାଇଁ ବଢ଼ୁଥିବା ବ୍ରାଣ୍ଡ ଚାହିଦା ସହିତ ନିର୍ମାଣ ସାମଗ୍ରୀ ପ୍ରୟୋଗ କ୍ଷେତ୍ରରେ ବିଶ୍ୱସନୀୟ ପସନ୍ଦ ଭାବେ ବର୍ଦ୍ଧିତ ସ୍ୱୀକୃତିକୁ ହାଇଲାଇଟ କରୁଛି । ଆରଏମଏକ୍ସ ବିଜ୍‌ନେସ୍ ଏହାର କଙ୍କ୍ରେଟୋ ରେର ଉତ୍ପାଦଗୁଡ଼ିକ ମଧ୍ୟରେ ବିକ୍ରି ପରିମାଣରେ ବୃଦ୍ଧି ପରିଲକ୍ଷିତ କରୁଛି । କମ୍ପାନୀ ଏମବିଏମ ବ୍ୟବସାୟ ନୁଭୋକୋ ଜିରୋ ଏମ ଉନ୍ନତି ଆପ୍ ଶୁଭାରମ୍ଭ କରିଥିଲା, ଏହା ହେଉଛି ଏକ ଡିଜିଟାଲ ଲୟାଲ୍ଟି ପ୍ରୋଗ୍ରାମ ଯାହାକୁ ଇନ୍‌ଫ୍ଲୁଏନ୍ସରଙ୍କ ସମ୍ପୃକ୍ତି ବଢାଇବା, ସ୍ୱଚ୍ଛତା ଓ ଡାଟା-ଚାଳିତ ଚ୍ୟାନେଲ ଅଭିବୃଦ୍ଧି ପାଇଁ ଡିଜାଇନ କରାଯାଇଥିଲା ।

# ଇରେଡ଼ା ପକ୍ଷରୁ ସମସ୍ତ କର୍ମଚାରୀଙ୍କ ପାଇଁ ପ୍ରତିରୋଧୀ ସ୍ୱାସ୍ଥ୍ୟ ଯାଞ୍ଚ

**ଭୁବନେଶ୍ୱର, ୧୫।୧ (ନି.ପ୍ର) :** ଭାରତୀୟ ନବୀକରଣୀୟ ଶକ୍ତି ବିକାଶ ସଂସ୍ଥା ଲିମିଟେଡ୍ (ଇରେଡ଼ା) ନୂଆଦିଲ୍ଲୀସ୍ଥିତ ଏହାର ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ବ୍ୟବସାୟ କେନ୍ଦ୍ରରେ ସମସ୍ତ କର୍ମଚାରୀଙ୍କ ପାଇଁ ଏକ ବ୍ୟାପକ ପ୍ରତିରୋଧୀ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜନ କରିଛି । ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ପ୍ରୋତ୍ସାହିତ କରିବା, କର୍ମଚାରୀମାନଙ୍କୁ ଜରୁରୀ



ସ୍କ୍ରିନିଂ ଏବଂ ଡାକ୍ତରୀ ବୃତ୍ତିଗତଙ୍କ ସହିତ ପରାମର୍ଶ ପ୍ରଦାନ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ରହିଥିଲା । ଏହି ଶିବିରକୁ ଇରେଡ଼ାର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ଦାସ, ନିର୍ଦ୍ଦେଶକ (ଅର୍ଥ) ଡକ୍ଟର ବିଜୟ କୁମାର ମହାନ୍ତି ଏବଂ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଉଦଘାଟନ କରିଥିଲେ । କାର୍ଯ୍ୟକ୍ଷେତ୍ର କଲ୍ୟାଣ ପାଇଁ ଇରେଡ଼ାର ଅନ୍ତର୍ଭୁକ୍ତିମୂଳକ ଏବଂ ସାମଗ୍ରିକ ଆଭିମୁଖ୍ୟକୁ ଗୁରୁତ୍ୱାରୋପ କରି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମେତ ସମସ୍ତ ସ୍ତରର କର୍ମଚାରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଇରେଡ଼ାର ସିଏମଡ଼ି ଶ୍ରୀ ପ୍ରଦୀପ କୁମାର ଦାସ କହିଛନ୍ତି: 'ଇରେଡ଼ାରେ, ଆମର ଲୋକମାନେ ଆମର ସବୁଠାରୁ ବଡ଼ ଶକ୍ତି । ସେମାନଙ୍କର ଶାରୀରିକ ଏବଂ ମାନସିକ ସୁସ୍ଥତା ସୁନିଶ୍ଚିତ କରିବା ଆମ ପାଇଁ ସର୍ବୋଚ୍ଚ ପ୍ରାଥମିକତା ଅଟେ । ଏକ ସୁସ୍ଥ କର୍ମଚାରୀ ଉତ୍ପାଦନକ୍ଷମତାକୁ ଆଗେଇ ନେଇଥାଏ, ଦଳଗତ କାର୍ଯ୍ୟକୁ ବୃଦ୍ଧି କରିଥାଏ ଏବଂ ସଂଗଠନାତ୍ମକ ପରିଚାଳନା ବ୍ୟବସ୍ଥାକୁ ମଜବୁତ କରିଥାଏ । ଏହି ଭଳି ପଦକ୍ଷେପ ମାଧ୍ୟମରେ, ଆମେ ପ୍ରତିରୋଧକ ଯତ୍ନକୁ ପ୍ରୋତ୍ସାହିତ କରିବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାକୁ ଉତ୍ସାହିତ କରିବା ଏବଂ ଏକ କର୍ମକ୍ଷେତ୍ର ପରିବେଶ ନିର୍ମାଣ କରିବା ଲକ୍ଷ୍ୟ ରଖିଛୁ ଯେଉଁଠାରେ ଆମର କର୍ମଚାରୀମାନେ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଭାବରେ ଉନ୍ନତି କରିପାରିବେ ।

# ଭୁବନେଶ୍ୱରରେ ତନେଇରା ପକ୍ଷରୁ ସିଜନ୍ ସେଲ୍
# ବଚ୍ଛା ବଚ୍ଛା ବୟନ ଓ ପୋଷାକ ଉପରେ ଫ୍ଲାଟ୍ ୪୦% ରିହାତି

**ଭୁବନେଶ୍ୱର, ୧୫।୧ (ନି.ପ୍ର) :** ଟାଟା ପ୍ରଡକ୍ଟ ତନେଇରା ଏହାର ଭୁବନେଶ୍ୱରସ୍ଥିତ ନୂଆ ଷ୍ଟୋରରେ ଆରମ୍ଭ କରିଛି ସିଜନ୍ ସେଲ । ଏ ଅବସରରେ ଗ୍ରାହକ ସ୍ୱତନ୍ତ୍ର ମୂଲ୍ୟରେ ଭାରତର ସର୍ବୋତ୍ତମ ହସ୍ତତନ୍ତ ଶାଢ଼ି ଏବଂ ପୋଷାକ ମଧ୍ୟରୁ ନିଜ ମନ ପସନ୍ଦର ପ୍ରଡକ୍ଟ ପାଇପାରିବେ । ଏହି ସିଜନ୍ ସେଲ୍‌ର ଅଂଶବିଶେଷ ବ୍ୟାପକ ତଥା ବଚ୍ଛା ବଚ୍ଛା ରେଞ୍ଜ୍ ଶାଢ଼ି, କୁର୍ତ୍ତା ଏବଂ କୁର୍ତ୍ତା ସେଟ୍ ଉପରେ ଫ୍ଲାଟ୍ ୪୦ଧ ରିହାତି ଉପଲବ୍ଧ । ଏଥିସହିତ ଦୈନନ୍ଦିନ ବ୍ୟବହାର, ଉତ୍ସବ ଏବଂ ସ୍ୱତନ୍ତ୍ର ଅବସର ପାଇଁ କାଳଜୟୀ ବୟନରେ ନିବେଶ କରିବାର ଏହା ପ୍ରକୃଷ୍ଟ ସମୟ ।

ରାଜଧାନୀରେ ଉପସ୍ଥିତି ବୃଦ୍ଧି ସହିତ ତନେଇରାର ଚନ୍ଦ୍ରଶେଖରପୁର ଷ୍ଟୋର ସହରରେ ବ୍ରାଣ୍ଡର ନୂତନ ସମ୍ପ୍ରସାରଣ । ଏହା ମାଧ୍ୟମରେ କମ୍ପାନି ଗୋଟିଏ ଛାତ ତଳେ ସର୍ବୋତ୍ତମ ଭାରତୀୟ ଏଥେନିକ୍ ୱିୟର୍‌ର ବ୍ୟାପକ ସମ୍ଭାର ଆଣିଛି । ବହୁବିଧ ଗ୍ରାହକଙ୍କ



ଆବଶ୍ୟକତାକୁ ପୂରଣ କରିବା ପାଇଁ ଷ୍ଟୋର ବିବାହ, ଉତ୍ସବ ଏବଂ ପୂଜା, ୱାର୍କ ୱିୟର ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ଆକର୍ଷଣୀୟ ସମ୍ଭାର ଉପଲବ୍ଧ କରାଇଛି । ଷ୍ଟୋରରେ ମଧ୍ୟ ଏକ ସମର୍ପିତ ୱେଡିଂ ଜୋନ୍ ରହିଛି, ଯେଉଁଠି ବ୍ରାଇଡାଲ ଏବଂ ୱେଡିଂ ସେଲିବ୍ରେଶନ୍ ପାଇଁ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଶାଢ଼ି ଏବଂ ପୋଷାକ ଉପଲବ୍ଧ ।

ଶାଢ଼ି ବ୍ୟତୀତ ଷ୍ଟୋରରେ ମଧ୍ୟ ରହିଛି ବ୍ୟାପକ ରେଞ୍ଜ୍ ରେଡି-ଟୁ-ୱିୟର ଆଉଟ୍‌ଫିଟ୍ ଯେପରି ବ୍ଲାଉଜ୍, କୁର୍ତ୍ତା ଏବଂ ଅନ୍-ଷ୍ଟିଚ୍‌ଡ କୁର୍ତ୍ତା ସେଟ୍ । ସମସ୍ତ ପୋଷାକ ଶୁଦ୍ଧ ଏବଂ ପ୍ରାକୃତିକ ଫେବ୍ରିକ୍‌ରେ ପ୍ରସ୍ତୁତ । ସିଜନ୍ ସେଲ୍‌ର ଅଂଶବିଶେଷ ଗ୍ରାହକ ବିଭିନ୍ନ ବର୍ଗରେ ବଚ୍ଛା ବଚ୍ଛା ଷ୍ଟାଇଲକୁ ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ । ନିଜ ୱାର୍ଡ୍ରୋବ୍‌ରେ କାଳଜୟୀ ଶାଢ଼ି ଏବଂ ଅନ୍ୟାନ୍ୟ ପୋଷାକ ଯୋଡ଼ିବାର ଏହା ସୁବର୍ଣ୍ଣ ସୁଯୋଗ । ଉଚ୍ଚ ମାନ ପ୍ରତି ଅଙ୍ଗୀକାରବଦ୍ଧ ତନେଇରା ଜରି ସାର୍ଟିଫିକେଶନ୍ ସହିତ ଏହାର ପ୍ୟୋର୍ ସିଲ୍‌କ ଶାଢ଼ିରେ ସିଲ୍କ ମାର୍କ ସୁନିଶ୍ଚିତ କରେ । ବିଶ୍ୱସନୀୟତା ଏବଂ ପ୍ରକୃତ କାରିଗରୀକୁ ନେଇ ବ୍ରାଣ୍ଡର ପ୍ରତିଶ୍ରୁତିବଦ୍ଧତାର ଏହା ପ୍ରମାଣନ । ୫ଟି ମୁଖ୍ୟ ସ୍ତମ୍ଭ ଯଥା ବିଶ୍ୱାସ, ପ୍ରାମାଣିକତା, ଶୁଦ୍ଧତା, କାରିଗରୀ ଏବଂ ଭାରତୀୟ ବୟନର ବିବିଧ ପ୍ରଦର୍ଶନ ଆଦି ଉପରେ ନିର୍ମିତ ତନେଇରା ଗ୍ରାହକଙ୍କୁ ଭାରତୀୟ ବୟନର ଐତିହ୍ୟକୁ ଅର୍ଥପୂର୍ଣ୍ଣ ଆକ୍ସେସ୍ ପ୍ରଦାନ କରିଚାଲିଛି ।

ଏ ଅଫରକୁ ନେଇ ତନେଇରାର ବିଜ୍‌ନେସ୍ ମ୍ୟାନେଜର ସୁମିତ ଘୋଷ କୁହନ୍ତି, ଆମର ଧ୍ୟାନ ସର୍ବଦା ପ୍ରାମାଣିକତା ଏବଂ ହସ୍ତତନ୍ତର ଅନନ୍ୟ କ୍ରିଏସନ୍ ମାଧ୍ୟମରେ ଭାରତର ସମୃଦ୍ଧ ବୟନ ପରମ୍ପରାକୁ ପାଳନ କରିବା ଉପରେ ରହିଛି । ଏହି ସିଜନ୍ ସେଲ୍ ମାଧ୍ୟମରେ ଆମେ ଭୁବନେଶ୍ୱର ଗ୍ରାହକଙ୍କୁ ପ୍ରାମାଣିକତା ଏବଂ କାରିଗରୀ ଆଧାରରେ ପ୍ରସ୍ତୁତ ସର୍ବୋତ୍ତମ ଭାରତୀୟ ଶାଢ଼ି ଏବଂ ପୋଷାକର ବ୍ୟାପକ ସମ୍ଭାରକୁ ଦେଖିବାକୁ ଆମନ୍ତ୍ରଣ କରୁଛୁ ।

ତନେଇରା ଷ୍ଟୋରକୁ ଆସି ଗ୍ରାହକ ଭାରତର ସମୃଦ୍ଧ ବୟନକୁ ପାଳନ କରିବାର ଏକ ଅନନ୍ୟ ଶପିଂ ଯାତ୍ରାକୁ ଅନୁଭବ କରିପାରିବେ ।

## 'ସେଲ୍ ଶାବାସ ପୁରସ୍କାର' ଯୋଜନାରେ କର୍ମଚାରୀ ପୁରସ୍କୃତ

**ରାଉରକେଲା, ୧୫।୧ (ନି.ପ୍ର):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଜିଏମ ଇନଚାର୍ଜ (ସେବା)ଙ୍କ କାର୍ଯ୍ୟାଳୟରେ ଜାନୁଆରୀ ୧୪ ତାରିଖରେ ସିଭିଲ୍ ଇଞ୍ଜିନିୟରିଂ ସେବା (ସିଇଏସ), ସାମଗ୍ରୀ ପୁନରୁଦ୍ଧାର ବିଭାଗ (ଏମଆରଡ଼ି), ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା (ସି ଆଣ୍ଡ ଆଇଟି) ଏବଂ ଆର ଆଣ୍ଡ ସି ଲାବୋରେଟୋରୀ (ଆରସିଏଲ) ବିଭାଗର କର୍ମଚାରୀମାନଙ୍କୁ ସେମାନଙ୍କର ଅଭିନବ ପ୍ରୟାସ ଏବଂ ଅନୁକରଣୀୟ ଅବଦାନ ପାଇଁ 'ସେଲ୍ ଶାବାସ' ପୁରସ୍କାର ପ୍ରଦାନ କରିବା ପାଇଁ ଏକ ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା । ସେବା ବିଭାଗର ସିଜିଏମ ଇନ ଚାର୍ଜ ଶ୍ରୀ ଅତିଶ ଚନ୍ଦ୍ର ସରକାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କାର୍ମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ସରକାର ବିଭାଗୀୟ ଦକ୍ଷତା ବୃଦ୍ଧିରେ ସେମାନଙ୍କର ପ୍ରତିବଦ୍ଧତା, ନବସୃଜନ ଏବଂ ଗୁରୁତ୍ୱପୂର୍ଣ୍ଣ ଅବଦାନର ପ୍ରଶଂସା କରିଥିଲେ ।

# ବୋଲାଣି ଓର ମାଇନ୍ସରେ ସୁରକ୍ଷା ଏବଂ କାର୍ଯ୍ୟକ୍ଷମ ସୁଦୃଢ଼ କରିବା ଦିଗରେ ଉନ୍ନତ ଫେଲ୍-ସେଫ୍ ବ୍ରେକିଂ କୌଶଳ କାର୍ଯ୍ୟକ୍ଷମ

**ରାଉରକେଲା, ୧୫।୧ (ନି.ପ୍ର):** ସେଲ ଅନ୍ତର୍ଗତ ବୋଲାଣି ଓର ମାଇନ୍ସ (ବି ଓ ଏମ)ରେ ଡାଉନହିଲ୍ କନଭେୟର ପି ସି -୮ ରେ ଏକ ଉନ୍ନତ ଫେଲ-ସେଫ୍ ଡିସ୍କ ବ୍ରେକିଂ ସିଷ୍ଟମକୁ ସଫଳତାର ସହ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରାଯାଇଛି । ଯାହା କନଭେୟର ସିଷ୍ଟମର ସୁରକ୍ଷା, ନିର୍ଭର ଯୋଗ୍ୟତା ଏବଂ କାର୍ଯ୍ୟକ୍ଷମ ନିୟନ୍ତ୍ରଣକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିଛି ।

ଉଲ୍ଲେଖନୀୟ ଯେ, ବ୍ରେକିଂ ବ୍ୟବସ୍ଥା ଡାଉନହିଲ୍ କନଭେୟରର ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଉପାଦାନ ଅଟେ । ପୂର୍ବରୁ, ବୋଲାଣି ଓର ମାଇନ୍ସର ଡାଉନହିଲ୍ କନଭେୟର ପି ସି-୮ ଥ୍ରଷ୍ଟର ବ୍ରେକିଂ ସିଷ୍ଟମ ସହିତ ସମସ୍ୟାର ସମ୍ମୁଖୀନ ହୋଇଥିଲା, ବିଶେଷକରି ଲୋଡ୍ ହୋଇଥିବା ପରିସ୍ଥିତିରେ ଏବଂ ବିଦ୍ୟୁତ୍ ନ ଥିବା ସମୟରେ ଏଭଳି ସମସ୍ୟା ଦେଖାଦେଉଥିଲା ଯାହା ଅଧିକ ନିର୍ଭରଯୋଗ୍ୟ ବ୍ରେକିଂ ସମାଧାନର ଆବଶ୍ୟକତା କରୁଥିଲା । ସମସ୍ୟାର ସମାଧାନ କରିବା ଦିଗରେ, ବୋଲାଣି ଓର ମାଇନ୍ସର ସାମୁହିକ ବିଦ୍ୟମାନ ଥ୍ରଷ୍ଟର ବ୍ରେକଗୁଡ଼ିକୁ ପରିପୂରକ କରିବା ପାଇଁ ଏକ ଡିସ୍କ ବ୍ରେକିଂ ସିଷ୍ଟମ ସ୍ଥାପନ କରିବାର ଧାରଣା ଦେଇଥିଲେ । ଡ୍ରାଇଭ୍ ପୁଲିର କମ୍-ଗତି ପାର୍ଶ୍ୱରେ ଡିସ୍କ ବ୍ରେକ୍



ସ୍ଥାପନ କରାଯାଇଥିଲା, ଯାହା ପାଇଁ ଏକ ବିସ୍ତାରିତ ଶାଫ୍ଟ ସହିତ ଏକ ପରିବର୍ତ୍ତିତ ଡ୍ରାଇଭ୍ ଡ୍ରମ୍ ସ୍ୱତନ୍ତ୍ର ଭାବରେ କ୍ରୟ ହୋଇଥିଲା ।

ପରେ ଏହା ବ୍ରେକିଂ ସିଷ୍ଟମକୁ ଅଣା ଯିବା ସହ ଏହି ବ୍ୟବସ୍ଥା କୁ ସଫଳତାର ସହିତ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରାଯାଇଥିଲା । ଏହି ସିଷ୍ଟମଟି ସାଧାରଣ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବ୍ରେକିଂ ନିର୍ଭରଯୋଗ୍ୟତା, କାର୍ଯ୍ୟକ୍ଷମ ସ୍ଥିରତା ଏବଂ କାର୍ଯ୍ୟକ୍ଷମ ଆତ୍ମବିଶ୍ୱାସରେ ଉଲ୍ଲେଖନୀୟ ଉନ୍ନତି କରିଛି । ଏହା ଏକ ଫେଲ-ଶେଫ ନୀତିରେ କାର୍ଯ୍ୟ କରୁଥିବା, ଡିସ୍କ ବ୍ରେକିଂ ସିଷ୍ଟମ ପାୱାର ଫେଲର କିମ୍ବା ସିଷ୍ଟମ ବିଫଳତା ସମୟରେ ସ୍ୱୟଂଚାଳିତ ବ୍ରେକ ପ୍ରୟୋଗକୁ ସୁନିଶ୍ଚିତ କରେ, ଯାହାଦ୍ୱାରା ବ୍ରେକିଂ ପ୍ରଭାବଶାଳୀତା ଏବଂ ସୁରକ୍ଷାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିଥାଏ ।

ଉଲ୍ଲେଖନୀୟ ଯେ, ଏହା ସେଲ ଖଣିରେ ପ୍ରଥମ ଥର ପାଇଁ ଏକ ଡିସ୍କ ବ୍ରେକିଂ ସିଷ୍ଟମର ସ୍ଥାପନ ହୋଇଛି ଯାହା, ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଚିତ ହେବା ସହିତ ସମଗ୍ର ସେଲ ର ଖଣି କାର୍ଯ୍ୟଗୁଡ଼ିକରେ ଡାଉନହିଲ୍ କନଭେୟର ସିଷ୍ଟମରେ ଉନ୍ନତ ସୁରକ୍ଷା, ନିର୍ଭରଯୋଗ୍ୟତା ଏବଂ ଉନ୍ନତ ବ୍ରେକିଂ କୌଶଳ ଗ୍ରହଣ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରୁଛି ।

# ଦକ୍ଷିଣ ଓଡିଶା ଜୋନ ସ୍ତରୀୟ ଏଆଇ (କୃତ୍ରିମ ବୁଦ୍ଧିମତା) ଓ ରୋବୋଟିକ୍ସ ପ୍ରଶିକ୍ଷଣ ଶିବିର

**ଛତ୍ରପୁର, ୧୫/୧ (ନି.ପ୍ର) :** ଦକ୍ଷିଣ ଓଡିଶା ଜୋନ ସ୍ତରୀୟ ଏଆଇ (କୃତ୍ରିମ ବୁଦ୍ଧିମତା) ଓ ରୋବୋଟିକ୍ସ ପ୍ରଶିକ୍ଷଣ ଶିବିର ଗୁରୁବାର ପୂର୍ବାହ୍ନ ୧୦ଟା ରେ ଛତ୍ରପୁର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁଭାରମ୍ଭ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ଓକେସିଏଲ ର ଗଞ୍ଜାମ ଜିଲ୍ଲା ମୁଖ୍ୟ ଏସ ରେଖା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ । ଅତ୍ୟାଧୁନିକ ଜ୍ଞାନକୌଶଳ ସହ ଓଡ଼ିଆ ମାଧ୍ୟମରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ପରିଚିତ କରାଇବା ପାଇଁ ଓଡ଼ିଶା ସରକାରଙ୍କ ଏହି ପ୍ରୟାସକୁ ସୂଚନା ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ ବିଭାଗ ପକ୍ଷରୁ ଏହାର ଅଧିନସ୍ଥ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍) ଓ ଓଡ଼ିଶା ନଲେଜ କର୍ପୋରେସନ ଲିଃ ଦ୍ୱାରା ରୂପାୟନ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ଓଡିଶାର ବଛା ବଛା ଶହେଟି ବିଦ୍ୟାଳୟର ବାର ହଜାର ଛାତ୍ରଛାତ୍ରୀଙ୍କୁ ଏହି ତାଲିମ ପ୍ରଦାନ କରାଯିବାକୁ ଲକ୍ଷ୍ୟ



ରଖାଯାଇଥିବା ବେଳେ ଏହାର କାର୍ଯ୍ୟକାରିତାକୁ ଦେଖି ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଏହି ତାଲିମ ଦିଆଯିବ । ଜାନୁୟାରୀ ୯ ତାରିଖ ଦିନ ଭୁବନେଶ୍ୱରର ଅନ୍ଧାରୁଆ । ସ୍ଥିତ ଆଇକନିକ ଓଏଭିରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଓଡ଼ିଶା ସରକାରଙ୍କ ଦୁଇ ମାନ୍ୟବର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ନିତ୍ୟାନନ୍ଦ ଗଣ୍ଡ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଓଡ଼ିଆ । ମାଧ୍ୟମ ସରକାରୀ ଉଚ୍ଚ ବିଦ୍ୟାଳୟରେ ୮ମ, ୯ମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତ୍ୟାଧୁନିକ ଆଇଓଟି, ରୋବୋଟିକ୍ସ, ଏଆଇ ଭଳି କୌଶଳ ସହ ପରିଚିତ କରାଇବା ସହ ଏହାକୁ ନେଇ ସେମାନେ ଯେପରି ଆଗକୁ ବଢ଼ିବା ପାଇଁ ଉଦ୍ୟମୀ ହେବେ ସେଥିପାଇଁ ପ୍ରୋତ୍ସାହିତ କରିବା ଏହି ଯୋଜନାର ଲକ୍ଷ୍ୟ । ଆଗାମୀ ଦିନରେ ଓଡ଼ିଶାରେ ଶିକ୍ଷା ପ୍ରାପ୍ତ ଯୁବ ସମାଜ ଏଭଳି କୌଶଳକୁ ବୁଦ୍ଧିମନ୍ତ କରି ସେଥିରୁ ଲାଭ ପାଇବା ସହ ଓଡ଼ିଶାର ନାମକୁ ଆନ୍ତର୍ଜାତିକ କ୍ଷେତ୍ରରେ ଆହୁରି ଦୀପ୍ତିମାନ କରି ରାଜ୍ୟକୁ ଗୌରବାନ୍ୱିତ କରିବେ ବୋଲି ଅତିଥି ମାନେ ଆଶା ପ୍ରକାଶ କରିଥିଲେ । ଭବାନୀ ଶଙ୍କର ପଣ୍ଡା (ଏଆଇ), ସୁରଜ କୁମାର ସ୍ୱାଇଁ (ସାଇବର ସିକ୍ୟୁରିଟି), ଆଶୁତୋଷ ସେଠି (ଆଇଓଟି- ରୋବୋଟିକ୍ସ)ରେ ତାଲିମ ପ୍ରଦାନ କରିବା ବେଳେ ପିପନ ନାୟକ ସଂଯୋଜନା କରିଥିଲେ ।

# ବରିଷ୍ଠ ନାଗରିକ ହେଉଛନ୍ତି ସମାଜର ମାର୍ଗ ଦର୍ଶକ

**କୁଚିଣ୍ଡା, ୧୫।୧ (ନି.ପ୍ର.):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘର ଜାନୁଆରୀ ମାସର ମାସିକ ବୈଠକ ସଂଘ କାର୍ଯ୍ୟାଳୟରେ ସଭାପତି ଧୀରେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇ ଅଛି । ଏହି ବୈଠକ ରେ ଆସନ୍ତା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସ ପାଳନ, ବରିଷ୍ଠ ନାଗରିକଙ୍କ



ଅବସର ବିନୋଦନ ପାଇଁ ବାର୍ଷିକ ବଣଭୋଜୀ ଆୟୋଜନ, ସରକାରଙ୍କ ତରଫରୁ ବରିଷ୍ଠ ନାଗରିକଙ୍କୁ ଯୋଗାଇ ଦିଆଯାଇଥିବା ପରିଚୟ ପତ୍ର ପ୍ରଦାନ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇ ଥିଲା । ଏହି ଆଲୋଚନାରେ ସକ୍ରୀୟ ଅଂଶଗ୍ରହଣ କରି ଶ୍ରୀ ଶାନ୍ତନୁ କୁମାର ସାହୁ, ଜୟପ୍ରକାଶ ଗୁପ୍ତା, କିଶୋର ଚନ୍ଦ୍ର ପ୍ରଧାନ ଏବଂ ସମସ୍ତ ସଭ୍ୟ ଏହି ପ୍ରସ୍ତାବ କୁ ସ୍ୱାଗତ କରିଥିଲେ, ଓ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆଜିର ବୈଠକରେ ଶ୍ରୀ ସରୋଜ କୁମାର ପଟେଲ, ଅବସର ପ୍ରାପ୍ତ ବରିଷ୍ଠ ପ୍ରଶାସକ ବରିଷ୍ଠ ନାଗରୀକ ସଂଘର ଜଣେ ସଭ୍ୟ ହିସାବରେ ଯୋଗଦାନ କରିବାରୁ ତାଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା, ଏହି ବୈଠକରେ ସଂପାଦକ ଯୋହନ କାମିଲ ଲାକ୍ରା, ବନମାଳୀ ଶତପଥି, ପଦ୍ମନାଭ ବେହେରା, କ୍ଷମାଶୀଳ ପଟେଲ, ଭଦ୍ର ଚରଣ କିସାନ, ଗୋବର୍ଧନ ବେହେରା, ରବି କିସାନ, ଭକ୍ତ ବତ୍ସଳ ଶର୍ମା, ଶ୍ରୀ ସରୋଜ କୁମାର ପଟେଲ, ସୁବାସ ପତି ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ । ଶେଷରେ ଶ୍ରୀ ଶାନ୍ତନୁ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

# ଆମାଜନ୍ ଇଣ୍ଡିଆର ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍

**ଭୁବନେଶ୍ୱର, ୧୫।୧ (ନି.ପ୍ର) :** ଆମାଜନ୍ ଇଣ୍ଡିଆ ପକ୍ଷରୁ ଭାରତର ବହୁ-ପ୍ରତୀକ୍ଷିତ ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍ ୨୦୨୬, ୧୬ ଜାନୁଆରୀ ମଧ୍ୟାହ୍ନ ୧୨:୦୦ରୁ ଲାଇଭ୍ ହେବାକୁ ଯାଉଛି । ଏହି ସପିଂ ଇଭେଂଟ ସ୍ମାର୍ଟଫୋନ୍, ଫ୍ୟାଶନ୍, ସୌନ୍ଦର୍ଯ୍ୟ, ଘର ଏବଂ ରୋଷେଇ ଘର, କ୍ୟୁମର ଇଲେକ୍ଟ୍ରୋନିକ୍ସ, ବଡ଼ ଉପକରଣ, କିରାଣା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ବର୍ଗରେ ଆକର୍ଷଣୀୟ ନୂତନ ଶୁଭାରମ୍ଭ ଏବଂ ଆକର୍ଷଣୀୟ ଡିଲ୍ ପ୍ରଦାନ କରୁଛି । ଗ୍ରାହକମାନେ ଆପଲ୍, ସାମସଙ୍ଗ, ୱାନପ୍ଲସ୍, ସୋନି, ଏଲଜି, ସ୍କେଚର୍ସ, ଲୋରିଆର ପ୍ୟାରିସ୍, ଆଇକ୍ୟୁଓଓ, ସାଓମି, କ୍ୟୁବୋ, ଟିସିଏଲ୍, ଏଚପି ଏବଂ ବୋଟ୍ ଭଳି ଶ୍ରେଷ୍ଠ ବ୍ରାଣ୍ଡର ଉତ୍ପାଦଗୁଡ଼ିକୁ ପାଇପାରିବେ । ଗ୍ରାହକମାନେ ଟ୍ରେଣ୍ଡିଂ ଡିଲ୍, ୮ ପିଏମ୍ ଡିଲ୍, ଶ୍ରେଷ୍ଠ ୭୭ ରିପବ୍ଲିକ୍ ଡିଲ୍ ଏବଂ ଶ୍ରେଷ୍ଠ ୧୦୦ ଡିଲ୍ ଭଳି କ୍ୟୁରେଟେଡ୍ ଡିଲ୍ ଫର୍ମାଟ୍‌ରୁ ମଧ୍ୟ କ୍ରୟ କରିପାରିବେ । ପୋଙ୍ଗଲ, ମକର ସଂକ୍ରାନ୍ତି, ମାଘ ବିହୁ ଏବଂ ଉତରାୟଣ ଭଳି ଉତ୍ସବ ପାଇଁ ସଂଗୃହିତ ଚୟନ, ଉତ୍ସବକାଳୀନ ଆବଶ୍ୟକୀୟ ଜିନିଷ ଏବଂ ଶ୍ରେଷ୍ଠ ବ୍ରାଣ୍ଡଗୁଡିକରେ ପସନ୍ଦିତ ଜିନିଷଗୁଡ଼ିକୁ ଉପହାର ଦେବା ଏହି ମହାନ ଗଣତନ୍ତ୍ର ଦିବସ ସେଲ୍ ପାଇଁ ସପିଂକୁ ସହଜ କରିଥାଏ ।

ଏହି ଅବସରରେ ଆମାଜନ୍ ଇଣ୍ଡିଆର ଭାଇସ୍ ପ୍ରେସିଡେଂଟ ସୌରଭ ଶ୍ରୀବାସ୍ତବ କହିଛନ୍ତିଯେ, 'ଆମାଜନ୍ ଇଣ୍ଡିଆର ପ୍ରମୁଖ ବ୍ରାଣ୍ଡଗୁଡ଼ିକରୁ ବିଭିନ୍ନ ପ୍ରକାରର ଉତ୍ସବଗତ ଆବଶ୍ୟକୀୟ ସାମଗ୍ରୀ ଏବଂ ଆକର୍ଷଣୀୟ ନୂତନ ଉତ୍ପାଦ ପ୍ରଦାନକରି ଉତ୍ସବକୁ ଆହୁରି ଅର୍ଥପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛି । ଏଆଇ-ସକ୍ଷମ ଆବିଷ୍କାର, ବିଶ୍ୱସ୍ତ ଗ୍ରାହକ ମୂଲ୍ୟାଙ୍କନ ଏବଂ ଆକର୍ଷଣୀୟ ଲାଇଭ୍ ସପିଂ ଅଭିଜ୍ଞତା ଦ୍ୱାରା ସମର୍ଥିତ ସମଗ୍ର ଭାରତରେ ଗ୍ରାହକମାନଙ୍କୁ ଅଧିକ ସୁବିଧା ଏବଂ ଦ୍ରୁତ ବିତରଣ ସହିତ କ୍ରୟ କରିବାରେ ସାହାଯ୍ୟ କରୁଛୁ । ପ୍ରାଇମ୍ ସଦସ୍ୟମାନେ ଗ୍ରେଟ୍ ରିପବ୍ଲିକ୍ ଡେ ସେଲର ପ୍ରତ୍ୟେକ ଦିନ ଅତିରିକ୍ତ ସଂଚୟ ସହିତ ଅଧିକ ସଂଚୟ କରିପାରିବେ । ଆମାଜନ୍ ଏଆଇ-ଚାଳିତ ଉପକରଣଗୁଡ଼ିକ ସହିତ କିଣାକିଣିକୁ ନିର୍ବିଘ୍ନ ଏବଂ ସହଜ କରୁଛି । ରୁଫସ୍, ଆମାଜନର ଏଆଇ-ଚାଳିତ ସପିଂ ସହାୟକ ସହିତ, ଗ୍ରାହକମାନେ ଉତ୍ପାଦଗୁଡ଼ିକୁ ଆବିଷ୍କାର କରିପାରିବେ ଏବଂ ବ୍ୟକ୍ତିଗତ ସୁପାରିଶ ପାଇପାରିବେ, ସେମାନଙ୍କର କିଣାକିଣି ଅଭିଜ୍ଞତାକୁ ଅଧିକ ବ୍ୟକ୍ତିଗତ ଏବଂ ସୁବିଧାଜନକ କରିପାରିବେ । ଆମାଜନ୍ ଏଆଇ-ଚାଳିତ ଉପକରଣଗୁଡ଼ିକ ସହିତ କିଣାକିଣିକୁ ନିର୍ବିଘ୍ନ ଏବଂ ସହଜ କରୁଛି ।

# ବଜାଜ୍ ଜେନେରାଲ୍ ଇନସ୍ୟୁରାନ୍ସ ପକ୍ଷରୁ ଫେଟାଲ୍ ଫ୍ଲୋରିଶର ଶୁଭାରମ୍ଭ

## ୧୦୨୫ ଟଙ୍କାର ସୁଲଭ ପ୍ରିମିୟମରେ ଏକ ଅଗ୍ରଣୀ ଫେଟାଲ୍ ହେଲ୍ଥ ଇନସ୍ୟୁରାନ୍ସ ଅଫର୍

**ଭୁବନେଶ୍ୱର, ୧୫।୧ (ନି.ପ୍ର):** ଭାରତର ଅନ୍ୟତମ ଅଗ୍ରଣୀ ପ୍ରାଇଭେଟ୍ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ବଜାଜ୍ ଜେନେରାଲ୍ ଇନସ୍ୟୁରାନ୍ସ ଲିମିଟେଡ୍ ଆଜି ଫେଟାଲ୍ ଫ୍ଲୋରିଶ୍ ଆରମ୍ଭ କରିଛି । ଏହା ଫେଟାଲ୍ ହେଲ୍ଥ ପାଇଁ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଥିବା ଏକ ଅଗ୍ରଣୀ ଇନସ୍ୟୁରାନ୍ସ ରାଇଡର୍ ଅଟେ । ଏହି ଅନନ୍ୟ ସମାଧାନ ଉନ୍ନତ ଇନ୍-ୟୁଟେରୋ ପ୍ରକ୍ରିୟା ଏବଂ ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭାବସ୍ଥା ପାଇଁ ଆର୍ଥିକ ସହାୟତା ପ୍ରଦାନ କରେ, ଯାହା ଏପର୍ଯ୍ୟନ୍ତ ପାରମ୍ପରିକ ମାଟର୍ନିଟି ଇନସ୍ୟୁରାନ୍ସର ପରିସର ବାହାରେ ରହିଥିଲା । ଏହି ରାଇଡରଟି କମ୍ପାନୀର ଫ୍ଲାଗଶିପ୍ ପ୍ରୋଡକ୍ଟ, ମାଇଁ ହେଲ୍ଥ କେୟାର ପ୍ଲାନ୍ ଏବଂ ହେଲ୍ଥ ଗାର୍ଡ ସହିତ ପ୍ରଦାନ କରାଯାଏ । ଫେଟାଲ୍ ଫ୍ଲୋରିଶ୍ ପ୍ରିନାଟାଲ୍ କେୟାର୍ ରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚିକିତ୍ସା ବିଶେଷଜ୍ଞତା ଏବଂ ଇନସ୍ୟୁରାନ୍ସ ଡିଜାଇନକୁ ଏକା ସହିତ ଆଣିଥାଏ । ମାଟର୍ନିଟି ପ୍ରୋଡକ୍ଟ ପାରମ୍ପରିକ ଭାବରେ ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ଚିକିତ୍ସା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ବେଳେ ଏହି ଏହି ରାଇଡରଟି ସବୁଠାରୁ ସମ୍ବେଦନଶୀଳ ଅବସ୍ଥାରେ ଗର୍ଭରେ ବଢୁଥିବା ଶିଶୁର ସୁରକ୍ଷା ଉପରେ ଧ୍ୟାନ ଦିଏ । ଗର୍ଭାବସ୍ଥା ଏବଂ ଭ୍ରୁଣର ବିକାଶ ସମୟରେ ଆବଶ୍ୟକୀୟ ସହାୟତା ପ୍ରଦାନ ରିପୋର୍ଟ ଅନୁଯାୟୀ, ଭାରତରେ



ପ୍ରାୟ ୧୭% ମହିଳା ୩୫ ବର୍ଷ ବୟସ ପରେ ସନ୍ତାନ ଜନ୍ମ ଦେଉଥିବାରୁ ଗର୍ଭାବସ୍ଥା ସମ୍ବନ୍ଧିତ ଜଟିଳତା ବୃଦ୍ଧି ପାଉଛି । ଏହା ସହିତ, ଆମନିଓସେଂଟେସିସ୍, ଫେଟାଲ୍ ରିଡକ୍ସନ୍, ଫିଟୋସ୍କୋପିକ୍ ଲେଜର ସର୍ଜରୀ ଏବଂ ଇଂଟ୍ରାୟୁଟେରାଇନ୍ ଟ୍ରାନ୍ସଫ୍ୟୁଜନ୍ ପରି ପ୍ରକ୍ରିୟାଗୁଡ଼ିକ ଅଧିକ ବିପଦଜନକ ସମସ୍ୟାଗୁଡ଼ିକର ନିରାକରଣ ପାଇଁ ଅତ୍ୟାବଶ୍ୟକ ହୋଇପଡ଼ିଛି । ଏପର୍ଯ୍ୟନ୍ତ, ଏକ ସମର୍ପିତ ଇନସ୍ୟୁରାନ୍ସ ପ୍ରୋଡକ୍ଟ ନ ଥିବା କାରଣରୁ ପରିବାରମାନେ ପ୍ରାୟତଃ ଏହିସବୁ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରୁଥିଲେ । ଏହି ଅବସରରେ ବଜାଜ୍ ଆଲିଆଁ ଜେନେରାଲ୍ ଇନସ୍ୟୁରାନ୍ସର ଏମଡି ଏବଂ ସିଇଓ ଶ୍ରୀଯୁକ୍ତ ତପନ ସିଂଘେଲ କହିଥିଲେ ଗର୍ଭାବସ୍ଥା ପ୍ରତ୍ୟେକ ପରିବାର ପାଇଁ ଏକ ଅତ୍ୟନ୍ତ ବ୍ୟକ୍ତିଗତ ଯାତ୍ରା, ଯାହା ଆଶା, ପ୍ରତୀକ୍ଷା, ଏବଂ ସନ୍ତାନ ପାଇଁ ସର୍ବୋତମ କରିବାର ଇଚ୍ଛା ଦ୍ୱାରା ଗଠିତ । ଯେତେବେଳେ ଚିକିତ୍ସା ସମ୍ବନ୍ଧୀୟ ଜଟିଳତା ସୃଷ୍ଟି ହୁଏ, ପରିବାରମାନେ ବହୁତ ଶୀଘ୍ର ପର୍ଯ୍ୟାୟରେ କଠିନ ନିଷ୍ପତିର ସମ୍ମୁଖୀନ ହୁଅନ୍ତି । ଭ୍ରୁଣ ବିକାଶରେ ହେଉଥିବା ସମସ୍ୟା କାରଣରୁ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ, କିନ୍ତୁ ଏହା ସହ ଜଡିତ ଆର୍ଥିକ ବୋଝ ଏହି ଆହ୍ୱାନପୂର୍ଣ୍ଣ ସମୟକୁ ଆହୁରି କଠିନ କରିପାରେ । ଫେଟାଲ୍ ଫ୍ଲୋରିଶ୍ ରାଇଡର୍ ଜରିଆରେ ଆମେ ଆବଶ୍ୟକୀୟ ଚିକିତ୍ସା ପ୍ରକ୍ରିୟାରେ ସାହାଯ୍ୟ କରି ଏହି ବୋଝକୁ କମ୍ କରିବାକୁ ଚେଷ୍ଟା କରିଛୁ, ତେଣୁ ପିତାମାତା ଖର୍ଚ୍ଚ ବଦଳରେ ଚିକିତ୍ସା ଓ ଫଳାଫଳ ଉପରେ ଧ୍ୟାନ ଦେଇପାରିବେ । ଏହି ସୁବିଧା ଆମର ବିଶ୍ୱାସକୁ ପ୍ରତିଫଳିତ କରେ ଯେ ଯତ୍ନ ଏବଂ ସୁରକ୍ଷା ଜୀବନର ସବୁଠାରୁ ପ୍ରାରମ୍ଭିକ ପର୍ଯ୍ୟାୟରୁ ଆରମ୍ଭ ହେବା ଉଚିତ୍ ।



## ଖଲିସାହି ବଜାରରେ ବ୍ୟବସାୟୀଙ୍କ ଘରୁ ଲୁଟ

**ଖଣ୍ଡପଡ଼ା, ୧୫।୧ (ନିପ୍ର):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ବଜାର ବାସିନ୍ଦା ତଥା ବିଶିଷ୍ଟ ବ୍ୟବସାୟୀ ବିଜୟ କୁମାର ପୃଷ୍ଟିଙ୍କ ଘରୁ ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଛି। ଗତକାଲି ରାତିରେ ଦୁବୃତ୍ତ ମାନେ ଶ୍ରୀ ପୃଷ୍ଟିଙ୍କ ଘର ପଛପାଖ ଦେଇ ପ୍ରବେଶ କରିବା ସହିତ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଲୁଟ କରିଥିବା ଅଭିଯୋଗ ହୋଇଛି। ଫଳରେ କିଛି ମାସର ନୀରବତା ପରେ ଜନଗହଳିପୂର୍ଣ୍ଣ ବଜାର ଅଞ୍ଚଳରୁ ଲୁଟ ପୁଣିଥରେ ଅପରାଧୀ ସକ୍ରିୟ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ବ୍ୟବସାୟୀ ବିଜୟ କୁମାର ପୃଷ୍ଟି ଗତକାଲି ବିଳମ୍ବିତ ରାତିରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରୁ ଫେରି ଘରେ ବିଶ୍ରାମ ନେଉଥିଲେ। ତେବେ ରାତି ପ୍ରାୟ ୨ ଟାରେ ଲୁଟେରା ମାନେ ଘର ପଛପାଖ ଦୁଇଟି ଗ୍ରିଲ ଏବଂ ଏକ କବାଟକୁ ଗ୍ୟାସ କଟର ସାହାଯ୍ୟରେ କାଟି ଘର ଭିତରକୁ ପଶିବା ସହିତ ଧାରୁଆ। ଅସ୍ତ୍ର ମଧ୍ୟମରେ ପରିବାର ସଦସ୍ୟଙ୍କୁ ଆକ୍ରମଣ କରିବା ପରେ ଅଳଙ୍କାର ଓ ନଗଦ ଅର୍ଥ ନେଇଯାଇଥିବା ଅଭିଯୋଗ ହୋଇଛି। ୩ ଶହ ଗ୍ରାମ ସୁନା, ୨ କେଜି ରୂପା ସହ ନଗଦ ୨ ଲକ୍ଷ ଏହିପରି ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଲୁଟ ହୋଇଥିବା ଜଣାପଡିଛି। ଏ ନେଇ ଖଣ୍ଡପଡ଼ା ପୁଲିସ ନିକଟରେ ଅଭିଯୋଗ ହେବାପରେ ସନ୍ଧାନୀ କୁକୁର ମାଧ୍ୟମରେ ଘଟଣାର ତଦନ୍ତ କରାଯାଇଥିବା ସୂଚନା ମିଳିଛି। ଗତକାଲିର ଘଟଣା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଥିବା ବେଳେ ଅଞ୍ଚଳର ସବୁଠୁ ବଡ ବଜାରରେ ବ୍ୟବସାୟ ପ୍ରତିଷ୍ଠାନ ଅସୁରକ୍ଷିତ ବୋଲି ସାଧାରଣରେ ଆଲୋଚନା ହେଉଛି। ନୟାଗଡ ଏସପି ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଧାନ ମଣ୍ଡି ଖୋଲିବା ପୂର୍ବରୁ ସମିତି ସମ୍ପାଦକଙ୍କ ବୈଠକ : ବିଡ଼ିଓଙ୍କ ସମୀକ୍ଷା

**ଡେଲାଙ୍ଗ, ୧୫।୧ (ନି.ପ୍ର):** ଡେଲାଙ୍ଗ ବ୍ଲକ ରେ ଧାନ ମଣ୍ଡି ଖୋଲିବା ପୂର୍ବରୁ ୨୧ ପ୍ରାଥମିକ ସମବାୟ ସମିତି ସମ୍ପାଦକଙ୍କ ବୈଠକରେ ସରକାରୀ ମାର୍ଗଦର୍ଶିକା ଅନୁପାଳନ ପାଇଁ ବିଡ଼ିଓ ସମୀର ବେହେରା ପରାମର୍ଶ ଦେଇଛନ୍ତି। ଡେଲାଙ୍ଗ ପଂଚାୟତ ସମିତି କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଡ଼ିଓ ଶ୍ରୀ ବେହେରାଙ୍କ ସମେତ ପଂଚାୟତ ସମିତି ଅଧକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ବ୍ଲକ ବିପଣନ ଅଧିକାରୀ ଚୁନିମଣି ସାହୁ, ସମବାୟ ସମିତି ସମୂହ ଉପ ସହକାରୀ ନିବନ୍ଧକ ଅସିତ କୁମାର ସାହୁ ଓ ୨୧ ସମବାୟ ସମିତି ସମ୍ପାଦକ



ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବଡ଼ ଚାଷୀଙ୍କୁ ପଛରେ ରଖି କ୍ଷୁଦ୍ର ଓ ନାମ ମାତ୍ର ଚାଷୀଙ୍କ ଠାରୁ ଅଗ୍ରାଧିକାର ଭିତିରେ ଧାନ କ୍ରୟ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶନାମା ଅନୁପାଳନ ନିମନ୍ତେ ସମିତି ସମ୍ପାଦକମାନେ ଯତ୍ନବାନ ହେବାକୁ ବିଡ଼ିଓ ଶ୍ରୀ ବେହେରା ପରାମର୍ଶ ଦେବା ସହ ମଣ୍ଡି ସ୍ଥାନରେ ଗୁପ୍ତ କ୍ୟାମେରା (ସିସିଟିଭି) ସଂସ୍ଥାପନ ବାଧ୍ୟତାମୂଳକ କରାଯାଇଥିବା, ମଣ୍ଡି ସ୍ଥାନରେ ଅସ୍ଥାୟୀ ଛାମୁଣ୍ଡିଆ। ସହିତ ତଳେ ବଡ଼ ପାଲ ପକାଇ ଧାନ ରଖିବା, ନିର୍ଦ୍ଧାରିତ ବାର ଓ ସମୟରେ ଧାନ ମଣ୍ଡି ଖୋଲାଯିବା, ବୈଦ୍ୟୁତିକ ଓଜନ ଯନ୍ତ୍ର, ଧାନ ର ମାନ ନିର୍ଦ୍ଧାରଣ ଉପକରଣ ରଖିବା, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ସମ୍ପାଦକଙ୍କୁ ପରାମର୍ଶ ଦିଆଯାଇଥିଲା। ପଲିଥିନ ବସ୍ତା ପରିବର୍ତ୍ତେ ପର୍ଯ୍ୟାପ୍ତ ଝୋଟ ବସ୍ତା ଯୋଗାଇବାକୁ ସମ୍ପାଦକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମିଲର ମାନେ ଝୋଟ ଅଖା ଯୋଗାଇ ନପାରିଲେ ସମିତି ସମ୍ପାଦକମାନେ ଏହା କ୍ରୟ କରି ଚାଷୀଙ୍କୁ ଯୋଗାଇବା ନିର୍ଦ୍ଦେଶ ରହିଥିବା ବିଡ଼ିଓ ସୂଚନା ଦେଇଥିଲେ ଧାନର ମାନକୁ ନେଇ ଚାଷୀ, ସମ୍ପାଦକ ଓ ମିଲର ପ୍ରତିନିଧିଙ୍କ ମଧ୍ୟରେ ବିବାଦ ସୃଷ୍ଟି ନହେବା ପାଇଁ ବ୍ଲକ ବିପଣନ ଅଧିକାରୀ ନିୟମିତ ମଣ୍ଡି ପର୍ଯ୍ୟବେକ୍ଷଣ କରିବାକୁ ପଂଚାୟତ ସମିତି ଅଧକ୍ଷା ଶ୍ରୀମତୀ ସାହୁ ପରାମର୍ଶ ଦେଇଥିଲା ବେଳେ ମଣ୍ଡି ପାଇଁ ଗଠିତ ଉପଦେଷ୍ଟା କମିଟି ଏ କ୍ଷେତ୍ରରେ ଅଧିକ ଯତ୍ନବାନ ହେବା ଆବଶ୍ୟକ ବୋଲି ଉପାଧକ୍ଷ ଶ୍ରୀ ନିଶଙ୍କ ପ୍ରସ୍ତାବ ଦେଇଥିଲେ।

## ଧାନ କିଣା ଓଜନରେ ହେରଫେର ଅଭିଯୋଗ

**ରାଜଗାଙ୍ଗପୁର, ୧୫।୧ (ନି.ପ୍ର):** ରାଜଗାଙ୍ଗପୁର ଲ୍ୟାମ୍ପସ ଜରିଆରେ ଧାନକିଣା ଆରମ୍ଭ ହୋଇଛି। ଲ୍ୟାମ୍ପସର ୪ଟି କେନ୍ଦ୍ର ଅଲଣ୍ଡା, କୁନମୁରୁ, ଝଗରପୁର ଓ କୁଟୁନିଆଁରେ ଧାନକ୍ରୟ ହେଉଛି। ମାତ୍ର କ୍ରୟବେଳେ ବସ୍ତାର ଧାନକୁ କମ୍ ଦର୍ଶାଯାଉଥିବା ଅଭିଯୋଗ ହେଉଛି। ଯଦି କୌଣସି ଚାଷୀଙ୍କର ୫୧ କ୍ୱିଣ୍ଟାଲ ୫୦ କେଜି ହେଉଛି ତାକୁ ୫୧ କ୍ୱିଣ୍ଟାଲ ବୋଲି ଦର୍ଶାଯାଉଛି। ଯାହାଫଳରେ ପ୍ରତି ଟ୍ରକ୍ରେ ୫ରୁ ୬ କ୍ୱିଣ୍ଟାଲ ଅଧିକ ଧାନ ମିଲକୁ ଯାଉଛି। ଏହି ଅଧିକ ଧାନର ପ୍ରାପ୍ୟ ହଡ଼ପ ହେଉଥିବା କୁହାଯାଉଛି ପ୍ରତିଦିନ ଟ୍ରକ୍ ପିଛା ୧୦ରୁ ୧୨ ହଜାର ଟଙ୍କାର ଧାନ ଏହିପରି ଭାବେ ହଡ଼ପ ହେଉଛି। ଯଦି ବିଭାଗ ପକ୍ଷରୁ ଟ୍ରକ୍କୁ ଦିଆଯାଇଥିବା ଟିପିର ଓଜନ ଓ ପ୍ରକୃତ ଓଜନର ଯାଞ୍ଚ କରାଯିବ ତେବେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରିବ ବୋଲି ଜଣେ ଅଧିକାରୀ ନିଜର ନାଁକୁ ଗୋପରଖି ସୂଚ ଦେଇଛନ୍ତି। ସେହିପରି ରାଜ୍ୟ ସରକାର ଗାଡ଼ିରୁ ଧାନ ଅନ୍ଲୋ ଓ ଲୋଡ୍ ବାବଦ ଅର୍ଥ ମଧ କମ୍ ଦିଆଯାଉଥିବା ଅଭିଯୋଗ ହେଉଛି ରାଜଗାଙ୍ଗପୁର ଲ୍ୟାମ୍ପସରେ ବର୍ତ୍ତମାନ ସୁଦ୍ଧା ୩ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ସଂଗ୍ରହ ହୋଇଥିବା ସୂତ୍ରରୁ ଜ ଜଣାପଡ଼ିଛିୟ ଏ ବାବଦରେ ୩ ଲକ୍ଷ ଟଙ୍କାରୁ ଅଧିକ ଆତ୍ମସାତ୍ ହୋଇଥିବ ଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ସୁନ୍ଦରଗଡ଼ ଏଆରସିଏସ୍ ମୋହନ ଚରଣ ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହି ସବୁ ଘଟଣା ତାଙ୍କ ନଜରକୁ ଆସିନାହିଁ। ତାଙ୍କ ପାଖକୁ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

## ବିଭିନ୍ନ ଦାବୀନେଇ ଘରୋଇ ବସ ମାଲିକ ସଂଘର ଆରଟିଓଙ୍କୁ ଦାବିପତ୍ର

**ଛତ୍ରପୁର, ୧୫/୧ (ନି.ପ୍ର) :** ଗଂଜାମ ଜିଲ୍ଲା ଘରୋଇ ବସ ର ବହୁ ମାଲିକ ମାନେ ଆଜି ଗଞ୍ଜାମ ଆରଟିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆରଟିଓ ଇଂ ଦେବାଶିଷ ସ୍ୱାଇଁଙ୍କୁ ଭେଟି ଘରୋଇ ବସ ଚଳାଚଳ ର ସୁ ବ୍ୟବସ୍ଥା କରିବା ସମେତ ଅନ୍ୟାନ୍ୟ ଦାବୀ ସମସ୍ୟା ସମ୍ପର୍କ ରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାସହ ଗଞ୍ଜାମ ଜିଲ୍ଲାପାଳ ଙ୍କ ଉଦ୍ଦେଶ୍ୟ ରେ ଏକ ଲିଖିତ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲା ରେ ୩୦ ରୁ ୪୦ ବର୍ଷ ଧରି ସମସ୍ତ ରୁଟ୍ ରେ ଘରୋଇ ବସ୍ ସେବା ଯୋଗାଇ ଦେଇ ଆସୁଅଛୁ । ବିଗତ କିଛି ଦିନ ହେଲା ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଆମ ବସ୍ ବେନିୟମ ଭାବେ ଚଳାଚଳ କରୁଥିବାରୁ ସମସ୍ତ ଘରୋଇ ବସ୍ ମାଲିକ ଆର୍ଥିକ ଓ ମାନସିକ ସ୍ତରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଅଛୁ। ବର୍ତମାନ ଦେଖାଯାଉଛି ଯେ ସମସ୍ତ ରୁଟ୍ ଯଥା ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ପୁରୁଷୋତମପୁର, ଚିକିଟି, ପାତ୍ରପୁର, ଦିଗପହଣ୍ଡି, ହିଂଜିଳିକାଟୁ, ଶେରଗଡ଼, ଖଲିକୋଟ, ପୋଲସରା, କୋଦଳା ଇତ୍ୟାଦି ରୁଟ୍ ରେ ସେମାନଂକୁ ମିଳିଥିବା ପରମିଟ୍ ରୁଟ୍ ରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଆମ ବସ୍ ବେନିୟମ ଭାବେ ଚଳାଚଳ କରୁଛନ୍ତି। ଯାହାଦ୍ୱାରା ସେମାନେ ବିଭିନ୍ନ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି । ଏଣୁ ସରକାର ତାଙ୍କର ପେଟ ପାଟଣା ଚଳିବା ନିମନ୍ତେ ଜିଲ୍ଲା ରେ ଘରୋଇ ବସ ଚଳାଚଳ ର ସୁ ବ୍ୟବସ୍ଥା କରିବାକୁ ସେମାନେ ଦାବୀ କରିଛନ୍ତି । ମୁଖ୍ୟମନ୍ତ୍ରୀ ବସ ସେବା ଓ ଆମ ବସ ବେନିୟମ ଚଳାଚଳ କୁ ତୁରନ୍ତ ବନ୍ଦ କରାଯାଉ । ଏହାର ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଘରୋଇ ବସ ମାଲିକ ମାନେ ଦାବୀ କରିଛନ୍ତି। ନଚେତ ଆଗାମୀ ଦିନ ରେ ସମସ୍ତ ଘରୋଇ ବସ କୁ ବନ୍ଦ କରି ଗାଡ଼ି ମାଲିକ ଓ ଗାଡ଼ି କର୍ମଚାରୀ ମାନେ ଜିଲ୍ଲାପାଳ ଓ ଆରଟିଓ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ବାପା ମା ଛେଉଣ୍ଡ ଅସହାୟ ଭାଇ ଭଉଣୀଙ୍କୁ ବିଧାୟକ ଓ ପ୍ରଶାସନ ପକ୍ଷରୁ ସହାୟତା

**ଗଞ୍ଜାମ, ୧୫।୧ (ନି.ପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ ର ଝରୋପଦାର ଗ୍ରାମର ବାପା ମା ଛେଉଣ୍ଡ ଅସହାୟ ଭାଇ ଭଉଣୀ ଙ୍କୁ ସାହାଯତାର ହାତ ବଢ଼ାଇଛନ୍ତି ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ପ୍ରଶାସନ। ବିଧାୟକ ନିଜସ୍ୱ ହାତ ପାଣ୍ଠି ରୁ ୧୦ ହଜାର ଅର୍ଥରାଶି ପ୍ରଦାନ କରିଥିବା ବେଳେ



ରେଡ କ୍ରସ ପକ୍ଷରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଅର୍ଥରାଶି ପ୍ରଦାନ ବେଳେ ବିଧାୟକ ଙ୍କ ସହ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିରାଣୀ ମହାପାତ୍ର ଉପସ୍ଥିତ ରହିଥିଲେ। ସୂଚନାଥାଉକି ପିତାଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପରେ କ୍ୟାନ୍ସରରେ ମାତାଙ୍କ ଅକାଳ ବିୟୋଗରେ ବେସାହାରା ହୋଇ ପଡିଛନ୍ତି ଭାଇ ଭଉଣୀ। ସ୍ଥାନୀୟ ଅଞ୍ଚଳରେ ଅତ୍ୟନ୍ତ ଦୁଃଖଦ ଓ ହୃଦୟବିଦାରକ ଘଟଣା ଚର୍ଚ୍ଚା ର କେନ୍ଦ୍ରବିନ୍ଦୁ ପାଲଟିଛି। ଏକ ଭୂମିହୀନ ପରିବାରରେ ୯ ମାସ ମଧ୍ୟରେ ପିତା ଓ ମାତାଙ୍କ ଅକାଳ ବିୟୋଗ ରେ ଝିଅ ସୁଇଟି (୧୭) ଓ ପୁଅ କାଳିଆ (୧୪) ପୂରାପୁରି ଅସହାୟ ହୋଇପଡିଛନ୍ତି। ପରିବାରର ମୁଖ୍ୟ ରୋଜଗାରିଆ। ରବି ମହାକୁଡ (୪୫) ରଣଭାର ଓ ଆର୍ଥିକ କଷ୍ଟରୁ ମୁକ୍ତି ପାଇବା ପାଇଁ ୯ ମାସ ତଳେ ଖଲିକୋଟ ଅଞ୍ଚଳର ଏକ ଠିକାଦାରଙ୍କ ସହାୟତାରେ ହାଇଦ୍ରାବାଦର ଏକ ଘୋରେଇ କମ୍ପାନୀରେ ଶ୍ରମିକ ଭାବେ କାମକୁ ଯାଇଥିଲେ। କାମ କରୁଥିବା ସମୟରେ ପାଣି ଟାଙ୍କି ଭୁଶୁଡ଼ି ପଡିଯିବାରୁ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଥିବା ଝୁନୁ ମହାକୁଡ (୩୯) ଆନ୍ତ କ୍ୟାନ୍ସରରେ ପୀଡିତ ହୋଇଥିବା ଜାଣିବାକୁ ମିଳିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ଦୀର୍ଘଦିନ ଚିକିତ୍ସାଧୀନ ରହିବା ପରେ ଗତ ୧୧ ତାରିଖରେ ସେ ମୃତ୍ୟୁବରଣ କରିଛନ୍ତି।

## ଏଆଇଡିଏସ୍‌ଓ ପକ୍ଷରୁ ଫକୀରମୋହନ ସେନାପତିଙ୍କ ଜୟନ୍ତୀ ସମାରୋହ ଉଦ୍‌ଯାପିତ

**ଅନୁଗୁଳ, ୧୫।୧ (ନି.ପ୍ର):** ନବଜାଗରଣର ଅନ୍ୟତମ ପୁରୋଧା କଥା ସମ୍ରାଟ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୪ତମ ଜୟନ୍ତୀ ଉପଲକ୍ଷେ ଏଆଇଡିଏସ୍‌ଓ ଅନୁଗୁଳ ଜିଲ୍ଲା କମିଟି ଉଦ୍ୟୋଗରେ ସହର ମଧ୍ୟସ୍ଥ ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ବିଭିନ୍ନ ପ୍ରତିଯୋଗିତା ସଂଗଠିତ ହେବାସହ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ସର୍ବପ୍ରଥମେ ଫକୀରମୋହନ ସେନାପତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ସାଧାରଣଜ୍ଞାନ, ଚିତ୍ରାଙ୍କନ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଗଠନର ଜିଲ୍ଲା ସମ୍ପାଦକ ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଣିହାଁ ମହାବିଦ୍ୟାଳୟର ଅଧ୍ୟାପକ ଧନେଶ୍ୱର ସାହୁ ବକ୍ତବ୍ୟ ମାଧ୍ୟମରେ ଫକୀରମୋହନଙ୍କ କାଳଜୟୀ ସାହିତ୍ୟକୃତୀ ଉପରେ ଆଲୋକପାତ କରିବା ସହିତ ସମାରୋହରେ ବହୁ ସଂଖ୍ୟାରେ ସ୍କୁଲ,



କଲେଜର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିବାରୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତାଭାବେ ଏଆଇଡିଏସ୍‌ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ ଏବଂ ଅନ୍ୟତମ ବକ୍ତାଭାବେ ଗାମ ଜିଲ୍ଲା ସମ୍ପାଦକ ନାରାୟଣ ସାହୁ ଫକୀରମୋହନଙ୍କ ସାହିତ୍ୟ ମାଧ୍ୟମରେ ଦେଇଯାଇଥିବା ଶିକ୍ଷାକୁ ଭିତିକରି ସମାଜ ପରିବର୍ତ୍ତନ ପଥରେ ଛାତ୍ରଛାତ୍ରୀମାନେ ଦାୟିତ୍ୱବାନ ହେବାକୁ କହିଥିଲେ। ଫକୀରମୋହନଙ୍କ ଗଳ୍ପ ଡାକମୁନସୀର ଗୋପାଳ ଭଳି ସ୍ୱାର୍ଥପର, ଆତ୍ମକୈନ୍ଦ୍ରୀକ ହେବେ ନା ରାଣ୍ଡିପୁଅ ଅନି'। ଗଳ୍ପର ଅନି'। ଭଳି ସାମାଜିକ ଦାୟିତ୍ୱବୋଧ ସମ୍ପନ୍ନ ମଣିଷ ହେବେ? ଏହି ପ୍ରଶ୍ନ ମାଧ୍ୟମରେ ସାମାଜିକ ଦାୟିତ୍ୱ ପାଳନ କରିବା ପଥରେ ମନୁଷ୍ୟତ୍ୱ ଅର୍ଜନ କରିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ। ଏହି ସଭାରେ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ପ୍ରଧାନ, ଅଧ୍ୟାପକ ପୂର୍ଣ୍ଣେନ୍ଦୁ ଭୂତିଆ, ଅବସରପ୍ରାପ୍ତ ଶିକ୍ଷକ ଚିତରନ ମେଣ୍ଡୁଲୀ, ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କର, ଡ. ଜଗନମୟ ଜେନା, ବିଦ୍ୟାଧର ନାଏକ, ବିଶ୍ୱପୂଜ୍ୟା ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ।

## ବେଣାଗାଡିଆରେ ଧାନମଣ୍ଡି ଉଦ୍‌ଘାଟିତ

**ଖଣ୍ଡପଡ଼ା, ୧୫।୧ (ନି.ପ୍ର):** ଖଣ୍ଡପଡା ବ୍ଲକ ବେଣାଗାଡିଆ। ପଞ୍ଚାୟତରେ ଥିବା ସମବାୟ ସମିତିରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଆଜି ସନ୍ଧ୍ୟାରେ ବିଧାନସଭା ପବ୍ଲିକ ଅଣ୍ଡରଟେକିଙ୍ଗ କମିଟି ଅଧ୍ୟକ୍ଷ ତଥା ସିମୁଳିଆ। ବିଧାୟକ ପଦ୍ମଲୋଚନ ପଣ୍ଡା ବେଣାଗାଡିଆ। ସ୍ଥିତ ମଣ୍ଡିକୁ ଆନୁଷ୍ଠାନିକ ଭାବେ ଉଦଘାଟନ



କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଡାବୁଗାଁ ବିଧାୟକ ନରସିଂହ ଭତ୍ରା, ଭଣ୍ଡାରପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପାଳ ମଧୁମିତା ରଥ, ଡିଆରସିଏସ ଅନନ୍ତ ନାରାୟଣ ନାୟକ, କଟକ ଲୋକସଭା ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ବରିଷ୍ଠ ନେତା ଅଖିଳ କୁମାର ମହାରଣା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରମାକାନ୍ତ ସେଠୀ, ସେବା ସମବାୟ ସମିତି ସଭାପତି ତ୍ରିନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ବେଣାଗାଡିଆ। ପଞ୍ଚାୟତ ଅଧୀନ କାଦୁଆ। ସମେତ ଏକାଧିକ ଗ୍ରାମର ଶତାଧିକ ଚାଷୀ ପଞ୍ଜିକରଣ କରିଥିବା ସେବା ସମବାୟ ସମିତି ସମ୍ପାଦକ ଗୌରାଙ୍ଗ ପ୍ରଧାନଙ୍କ ଠାରୁ ସୂଚନା ମିଳିଛି।

## ସିଡିପିଓଙ୍କ ସରକାରୀ ଭଡ଼ା ଗାଡ଼ିର ନାହିଁ ଇନସ୍ୟୁରାନ୍ସ ଓ ପଲ୍ୟୁସନ୍ ସାର୍ଟିଫିକେଟ

### ୧୨ହଜାର ଟଙ୍କା ଫାଇନ ଥାଇ ରାସ୍ତାରେ ଗଡୁଛି ସିଡିପିଓଙ୍କ ଗାଡ଼ି

**ଡେଲାଙ୍ଗ, ୧୫।୧ (ନି.ପ୍ର):** ଡେଲାଙ୍ଗ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ)ଙ୍କ ସରକାରୀ ଭଡ଼ା ଗାଡ଼ିରେ ନିର୍ଦ୍ଧାରିତ ଅବଧିଯୁକ୍ତ ଇନସ୍ୟୁରାନ୍ସ ଓ ପଲ୍ୟୁସନ୍ ସାର୍ଟିଫିକେଟ ନ ଥିବାରୁ ଏହିଗାଡି ଉପରେ ଫାଇନ ହୋଇଛି। ଫାଇନ ଥାଇକି ମଧ୍ୟ ସରକାରୀ ଗାଡି କିପରୀ ରାସ୍ତାରେ ଗଡୁଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିଡିପିଓ କାର୍ଯ୍ୟାଳୟ ପାଇଁ ଭଡ଼ା ସୂତ୍ରରେ ଆସିଥିବା ଗାଡି ଉପରେ ପରିବହନ ବିଭାଗ ପକ୍ଷରୁ ଫାଇନ କୁ ନେଇ ଖୋଦ ସରକାରୀ ଅଧିକାରୀ ଜଣକ ହଟହଟା ହେଉଥିବା ଘଟଣା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଡେଲାଙ୍ଗ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ



ଏବଂ ଓଡି ୦୫ ବିୟୁ ୪୭୯୬ ବୋଲେରୋ ଗାଡ଼ିଟି ଏହି କାର୍ଯ୍ୟାଳୟ ଅଧୀନରେ ଭଡ଼ା ସୂତ୍ରରେ ଲାଗିଛିୟ ଅନ୍ୟପକ୍ଷରେ ଆସନ୍ତା ଅପ୍ରିଲ ପହିଲାରୁ ପରିବହନ ବିଭାଗ କଠୋର ନୀତି ଅବଲମ୍ବନ କରିବା ସହ ପଲ୍ୟୁସନ୍ ସାର୍ଟିଫିକେଟ ନ ଥିଲେ ଆଉ ଇନ୍ଧନ ମିଳିବ ନାହିଁ ବୋଲି ଆଗତୁରା ନିର୍ଦ୍ଦେଶ ଜାରି କରିଥିବାବେଳେ ଡେଲାଙ୍ଗ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ଭଡା ଗାଡ଼ିର ଇନସ୍ୟୁରାନ୍ସ ଅବଧି ୧୦/୭/୨୫ ଏବଂ ପଲ୍ୟୁସନ୍ ସାର୍ଟିଫିକେଟ ଅବଧି ୧୧/୭/୨୫ ଠାରୁ ଶେଷ ହୋଇଯାଇଥିବାରୁ ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ପଲୁସନ ପାଇଁ ୧୦ ହଜାର ଓ ଇନସୁରାନ୍ସ ପାଇଁ ୨ହଜାର ଫାଇନ୍ କରାଯାଇଥିବା ସୂଚନା ମିଳିଛି। ତେବେ ସାଧାରଣ ଲୋକଙ୍କ ପ୍ରତି ପରିବହନ ବିଭାଗ ପଲ୍ୟୁସନ୍ ସାର୍ଟିଫିକେଟ ନ ଥିବା କ୍ଷେତ୍ରରେ କଠୋର ମନୋଭାବ ପୋଷଣ କରୁଥିବାବେଳେ ସରକାରୀ ଅଧିକାରୀଙ୍କ ଗାଡ଼ିଗୁଡ଼ିକ ପ୍ରତି ଅନୁରୂପ ମନୋଭାବ ପୋଷଣ କରି ଯାଞ୍ଚ ପ୍ରକ୍ରିୟା ତଥା ଫାଇନ୍ କାଟିବା କାର୍ଯ୍ୟ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

## କୋଇଡାରେ କୃଷିର ସଙ୍କଟ : ଜଳ ପ୍ରଦୂଷଣ ସାଜିଛି ମୁଖ୍ୟ ପ୍ରତିବନ୍ଧକ

**କୋଇଡା, ୧୫।୧ (ନି.ପ୍ର) :** ଲୌହ ପଥର ଓ ମାଙ୍ଗାନିଜର ଭଣ୍ଡାର କୁହାଯାଉଥିବା ସୁନ୍ଦରଗଡ଼ ଜିଲ୍ଲାର କୋଇଡା ବ୍ଲକରେ ଏବେ କୃଷି କ୍ଷେତ୍ରରେ ଏକ ଭୟଙ୍କର ସଙ୍କଟ ଦେଖାଦେଇଛି। ଦିନେ ଯେଉଁ ଚାଷୀ ନିଜ ବିଲକୁ ଦେଖି ଗର୍ବ କରୁଥିଲା, ଆଜି ସେହି ହାତରେ ସେ ଖଣିର କୋଡ଼ା-ପଥର ଧରିବାକୁ ବାଧ୍ୟ ହେଉଛି। ଚାଷ ଛାଡ଼ି ଖଣି ମୁହାଁ ଚାଷୀ . ଖଣିଜ ପ୍ରଦୂଷଣ ଏବଂ ଜଳ ଯୋଗୁଁ କୋଇଡା ର ଶହ ଶହ ହେକ୍ଟର ଜମି ଏବେ ପଡ଼ିଆ। ପଡ଼ିଛି। ସରକାରୀ ତଥ୍ୟ ଅନୁସାରେ, କୋଇରା ବ୍ଲକର ଅଧିକାଂଶ ଚାଷ ଜମି ଏବେ ମଧ୍ୟ ଅଣ-ଜଳସେଚିତ (Non-Irrigated)। ଉଦାହରଣ ସ୍ୱରୂପ, ଚୋରଧାରା (ଉଷକ୍ଟକ୍ସରୟଷବକ୍ସବ) ପଞ୍ଚାୟତରେ ପ୍ରାୟ ୧୭୫୫ ହେକ୍ଟର ଚାଷଯୋଗ୍ୟ ଜମି ରହିଥିଲେ ହେଁ, ସେଥିମଧ୍ୟରୁ ୧୪୬୩ ହେକ୍ଟର ଜମିରେ କୌଣସି ଜଳସେଚନର ସୁବିଧା ନାହିଁ। ସେହିପରି ଜକ୍ଷମୁଣ୍ଡିହି ଅଞ୍ଚଳରେ ମଧ୍ୟ ବହୁଳ ପରିମାଣର ଜମି ବର୍ଷା ଜଳ ଉପରେ ନିର୍ଭରଶୀଳୟ ବିଶେଷ କରି ରବି ଋତୁରେ ପାଣିର ଘୋର ଅଭାବ ଦେଖାଯାଉଛି, ଯାହାଫଳରେ ଚାଷୀ ବର୍ଷାଦିନିଆ। ଧାନ ପରେ ଅନ୍ୟ କୌଣସି ଫସଲ କରିବାକୁ ସାହସ କରିପାରୁ ନାହିଁ। ପଡ଼ିଆ। ପଡ଼ିଛି ଜମି, ଖଣିକୁ ଧାଉଁଛନ୍ତି ଚାଷୀ। ୨୦୦୫-୦୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ଅନେକ ଅଞ୍ଚଳରେ ଜମି ଏବେ 'ସ୍ଥାୟୀ ପଡ଼ିଆ।' (Permanent Fallow)



ଭାବେ ରହିଯାଇଛି। କାଲ୍ଟାଟା (Kalta) ପଞ୍ଚାୟତରେ ପ୍ରାୟ ୨୯୦ ହେକ୍ଟର ଏବଂ ଦେଙ୍ଗୁଲାରେ ୨୫୬ ହେକ୍ଟର ଜମି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଚାଷରେ ଉପଯୁକ୍ତ ଲାଭ ନମିଳିବା ଏବଂ ଚାଷ ପାଇଁ ଉପଯୋଗୀ ପାଣିର ଅଭାବ ଯୋଗୁଁ ଚାଷୀମାନେ ନିଜ ଜମିକୁ ଛାଡ଼ି ପାଖାପାଖି ଖଣି ଖାଦାନରେ ଶ୍ରମିକ ଭାବେ କାମ କରିବାକୁ ପସନ୍ଦ କରୁଛନ୍ତି।

ଖଣିରୁ ମିଳୁଥିବା ଦୈନିକ ମଜୁରୀ ଚାଷ ଅପେକ୍ଷା ସେମାନଙ୍କ ପାଇଁ ଅଧିକ ବୋଲି ସେମାନେ ତାଙ୍କ ମତ ଦେଇଛନ୍ତି। ଖାଲି ଜଳାଭାବ ନୁହେଁ, ଖଣିରୁ ବାହାରୁଥିବା ଲାଲ୍ ଧୂଳି ଓ ପ୍ରଦୂଷିତ ପାଣି ଚାଷ ଜମିର ଉର୍ବରତା ନଷ୍ଟ କରୁଛି। ଖଣି ଅଞ୍ଚଳରୁ ବାହାରୁଥିବା ବର୍ଜ୍ୟ ବସ୍ତୁ ଚାଷ ବିଲରେ ଜମି ରହିବା ଫଳରେ ଫସଲ ନଷ୍ଟ ହେଉଛି। ମାଲଦା (Malda) ଓ କୋଇଡା ଗ୍ରାମପଞ୍ଚାୟତର ଅନେକ ଚାଷୀ କହିବା ଅନୁଯାଇ ରାସ୍ତାରେ ଚାଲୁଥିବା ଶତାଧିକ ଖଣି ଟ୍ରକର ଧୂଳି ପତ୍ରରେ ଜମି ରହି ଫସଲର ବୃଦ୍ଧିକୁ ବାଧାପ୍ରାପ୍ତ କରୁଛି। କୋଇଡା ର କୃଷି କ୍ଷେତ୍ରକୁ ବଞ୍ଚାଇବା ହେଲେ ତୁରନ୍ତ ଉଠା ଜଳସେଚନ (Lift Irrigation) ପ୍ରକଳ୍ପ ସଂଖ୍ୟା ବଢ଼ାଇବା ହେବ। ଏହା ସହ ଖଣି ପ୍ରଦୂଷଣ ରୋକିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଯଦି ସମୟ ଥାଉ ଥାଉ ଏଥିପ୍ରତି ଦୃଷ୍ଟି ନଦିଆଯାଏ, ତେବେ କୋଇଡା ବ୍ଲକରୁ କୃଷି ସଂପୂର୍ଣ୍ଣ ରୂପେ ଲୋପ ପାଇଯିବା ଆଶଙ୍କା ରହିଛି।

## ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଓ ଜ୍ଞାନଯଜ୍ଞ ଅନୁଷ୍ଠିତ




**କଟକ, ୧୫।୧ (ନି.ପ୍ର):** କଟକ ଜେବିଏସ ଗାର୍ଡେନ ଠାରେ ସିଂଘଲ ପରିବାର ପକ୍ଷରୁ ଶ୍ରୀମଦ ଭାଗବତ କଥା ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ସପ୍ତାହ ଧରି କାର୍ଯ୍ୟକ୍ରମ ଚାଲିବ। ଏହି ଅବସରରେ କଟକ ମାରୱାଡ଼ି କ୍ଲବ ରୁ ବିରାଟ ପଟୁଆରରେ କଳସ ଶୋଭାଯାତ୍ରା ବାହାରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀନିବାସ ଗୁପ୍ତା, ବିଜୟ କୁମାର ଅଗ୍ରୱାଲା, ସୁବାସ ଚନ୍ଦ୍ର ଅଗ୍ରୱାଲା, ସୀତାରାମ ଅଗ୍ରୱାଲା, ବଜରଙ୍ଗଲାଲ ଅଗ୍ରୱାଲା, ସତୀଶ କୁମାର ଅଗ୍ରୱାଲା, ହନୁମାନ ପ୍ରସାଦ ଅଗ୍ରୱାଲା ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷକ ବଦଳିକୁ ନେଇ ବିଦ୍ୟାଳୟ ରେ ଉତ୍ତେଜନା

**କବିସୂର୍ଯ୍ୟନଗର, ୧୫।୧ (ନି.ପ୍ର):** ରାଜନୀତି ର ପଶାପାଲି ରେ ଛନ୍ଦିହେଇଗଲା ପିଏମଶ୍ରୀ ଉତ୍ସବ। ଶିକ୍ଷକ ବଦଳି ଆଦେଶ କୁ ନେଇ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ଏବଂ ଗ୍ରାମବାସୀ ଙ୍କ ହୋ ହାଲ୍ଲା ଯୋଗୁଁ ଭଣ୍ଡୁର ହେଇଗଲା ପିଏମଶ୍ରୀ ଉତ୍ସବ. ଆସିଲେନି ଅତିଥି, ଫାଙ୍କା ପଡିଲା ଚେୟାର ଓ ମଞ୍ଚ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କବିସୂର୍ଯ୍ୟନଗର ବ୍ଲକ ବରିଡା ଏ ଗ୍ରାମରେ ଥିବା ଦଧିବାବନ ହାଇସ୍କୁଲ ରେ। ଯାହା ସୂଚନା ମିଳିଛି ସେହି ବିଦ୍ୟାଳୟ ରେ ଜଣେ ଶିକ୍ଷକ କୃଷ୍ଣ ଚନ୍ଦ୍ର ବେହେରା ଙ୍କୁ ନିକଟସ୍ଥ ତିଆଡ଼ିପଲ୍ଲୀ ପ୍ରାଥମିକ ବିଦ୍ୟାଳୟ କୁ ଡେପୁଟେସନ କରାଯାଇଛି। କବିସୂର୍ଯ୍ୟନଗର ବିଇଓ ଙ୍କ ବଦଳି ଆଦେଶ କୁ ନେଇ ପ୍ରଧାନ ଶିକ୍ଷକ ଆଜି ସେହି ଶିକ୍ଷକଙ୍କୁ ରିଲିଭ କରିବାକୁ ନିଷ୍ପତି କରିଥିବା ବେଳେ ଖବର ପାଇ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟ କୁ ଆସି କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ରିଲିଭ ନକରି ତାଙ୍କ ବଦଳି ଆଦେଶ ପ୍ରତ୍ୟାହାର କରିବାକୁ ଦାବୀ କରିଥିଲେ। ଆଜି ବିଦ୍ୟାଳୟ ରେ ପିଏମଶ୍ରୀ ଉତ୍ସବ ପୂର୍ବରୁ ଶିକ୍ଷକ ଙ୍କୁ ରିଲିଭ କରିବାକୁ ଯେଉଁ ଷଡଯନ୍ତ୍ର ଚାଲିଥିଲା ତାହାକୁ ନେଇ ହଟଗୋଳ ଦେଖାଦେଲା.. ସକାଳ ୧୦ ଟା ରୁ ଅପରାହ୍ନ ୨ ଟା ଯାଏଁ। କୌଣସି ନିଷ୍ପତି ହୋଇନଥିବା ଯୋଗୁଁ ବିଦ୍ୟାଳୟ ପରିସରରେ ଗହଳି ଲାଗିରହିଛି। ଯାହା ସୂଚନା ମିଳିଛି ରାଜନୈତିକ ଚାପ ରେ ଗଞ୍ଜାମ ଡିଇଓ ଙ୍କ ଅଲିଖିତ ନିର୍ଦ୍ଦେଶରେ କବିସୂର୍ଯ୍ୟନଗର ବିଇଓ ଡେପୁଟେସନ କରିଥିବା ଜଣାପଡିଛି। ଏବଂ କ୍ଲାସ ପରିଚାଳନା ପାଇଁ ଡେପୁଟେସନ କରାଯାଇଥିବା ଆଦେଶ ରେ ଲେଖାଯାଇଥିବା ଜଣାଯାଇଛି। ଜନ ଆକ୍ରୋଶ ଦେଖି ପ୍ରଧାନ ଶିକ୍ଷକ ବିଇଓ ଙ୍କୁ ଅବଗତ କରିବା ପରେ ପୁଣି ଗ୍ରାମବାସୀ ଙ୍କ ଲିଖିତ ଅଭିଯୋଗ ଏବଂ ଦସ୍ତଖତ ସଂଗ୍ରହ ପରେ ସାମୟିକ ଆଦେଶ କୁ ସ୍ଥଗିତ ରଖିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଶିକ୍ଷକ ବଦଳି କୁ ଦେଖାଦେଇଥିବା ଅଶାନ୍ତି ପାଇଁ ଆଜି ହଜାର ହଜାର ପିଲାଙ୍କ ଖୁସି ଭାଙ୍ଗିଦିଆଗଲା ବୋଲି ବହୁଅଭିଭାବକ ତାଙ୍କ ପ୍ରତିକ୍ରିୟା ରେ କହିଛନ୍ତି।

## କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଅବସରରେ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ

**ଭବାନୀପାଟଣା, ୧୫/୦୧ (ନି.ପ୍ର):** ୨୮ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ ଅବସରରେ ମହିଳା ଉପସମିତି ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଆଜିର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, କଳାହାଣ୍ଡି ଉତ୍ସବ ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଶାନ୍ତନୁ ବେହେରା, ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡା. ନିବେଦିତା ସାହୁ, ଶିକ୍ଷାବିତ ସବିତା ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧକ୍ଷା ସନ୍ତୋଷିନୀ ଦାସ, ଡ. ଦୀନବନ୍ଧୁ ଯୋଶୀ, ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର, ଦେବେନ୍ଦ୍ର ବିଶି, ସବିତା ପ୍ରଧାନ, ଚାରୁଲତା ଷଡ଼ଙ୍ଗୀ, ଚନ୍ଦ୍ରଶେଖର ବାବୁ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଉପସମିତିର ଅଧକ୍ଷା ଜ୍ୟୋତିରାଣୀ ଦାସଙ୍କ ଅଧକ୍ଷତାରେ



ଅନୁଷ୍ଠିତ କାର୍ଯ୍ୟକ୍ରମ ଗୁଡ଼ିକୁ ସଂଘମିତ୍ରା କାନୁନଗୋ, ପ୍ରୀତି ପଟ୍ଟନାୟକଙ୍କ ସହିତ ଅନ୍ୟମାନେ ପରିଚାଳନା କରିଥିଲେ। ସ୍ନେହଲତା ଷଡ଼ଙ୍ଗୀ ସଭା ପରିଚାଳନା ଓ ସ୍ୱର୍ଣ୍ଣକାନ୍ତି ବୈକାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ଝୋଟି, କଳାହାଣ୍ଡିଆ। ପାରମ୍ପରିକ ବେଶ ପୋଷାକ, ଏକକ ଅଭିନୟ, ଦଳଗତ ନୃତ୍ୟ, ଶଙ୍ଖଫୁଙ୍କା, ହୁଳହୁଳି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଝୋଟିରେ ରୀନା ଭାଟି, ପ୍ରକୃତ ସୁନା, ରଶ୍ମିତା ନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଇପ୍ସିତା ପଣ୍ଡା, ଜୟନ୍ତୀ ସିଂ ହ, ଗୀତାଞ୍ଜଳି ପଟ୍ଟନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେୟ କଳାହାଣ୍ଡିଆ। ପାରମ୍ପରିକ ପିଠାପଣା ପ୍ରସ୍ତୁତିରେ ଭାରତୀ ସାହୁ, ସ୍ୱର୍ଣ୍ଣଲତା ଶବର, ପ୍ରିୟଦର୍ଶିନୀ ବିଶୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ନିବେଦିତା ମହାନ୍ତି, ଛନ୍ଦିତା ଦାସ, କେ. ଇନ୍ଦିରା ବିଚାରକ ଦାୟିତ୍ୱ ତୁଲାଇଥିଲେ। ଏକକ ଅଭିନୟରେ ଭାରତୀ ସାହୁ, ପ୍ରିୟଦର୍ଶିନୀ ବିଶୋଇ ଓ ଶ୍ରୁତି ଦାସ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ସ୍ୱର୍ଣ୍ଣକାନ୍ତି ବୈକାର, ପୁଷ୍ପାଞ୍ଜଳି ଦୀପ ଓ ଉମାଶଙ୍କରି ପାଲ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶଙ୍ଖଫୁଙ୍କାରେ ଗୀତାଞ୍ଜଳି ମୁଣ୍ଡ, ସୁଜାତା ମିଶ୍ର, ସ୍ନିଗ୍ଧାଞ୍ଜଳି ପାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ହୁଳହୁଳି ପ୍ରତିଯୋଗିତାରେ ସୁବାସିନୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉଭୟ ପ୍ରତିଯୋଗିତାର ବିଚାରକ ଭାବେ ନୂପୁର ପଟ୍ଟନାୟକ, କେ. ଇନ୍ଦିରା, ନିବେଦିତା ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ସେହିପରି ଦଳଗତ ନୃତ୍ୟ ପ୍ରତିଯୋଗିତାରେ ସକ୍ଷମ ନୃତ୍ୟ ଏକାଡେମୀ ପ୍ରଥମ, ଜେ. କେ ସୁପର ମମ୍ସ ଦ୍ୱିତୀୟ ସ୍ଥାନ ଓ ସସ୍ମିତା ମେହେର ଗ୍ରୁପ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ବିଚାରକ ଭାବେ ସବିତା ମହାନ୍ତି, ସଙ୍ଗୀତା ରାଉତ, ଶୃତି ମହାନ୍ତି, ଐଶ୍ୱର୍ଯ୍ୟା ମହାନ୍ତି ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସମସ୍ତ ସଦସ୍ୟା ସହଯୋଗ କରିଥିଲେ। କଳାହାଣ୍ଡି ରୁ ରବି ନାରାୟଣ ସିଂହ।

## ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ବୁଗୁଡ଼ା, ୧୫।୧ (ନି.ପ୍ର):** ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଗୁରୁବାର ଦିନ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ବୁଗୁଡା ସହରର ମଦନ ମୋହନ ଛକ, ନୂଆଁ ବସଷ୍ଟାଣ୍ଡ ଛକ, ବଡଶଙ୍ଖ ଛକ ଏବଂ ବାଲିପଦର ଗାଁ ଛକରେ ହେଲମେଟ୍ ଯାଞ୍ଚ ସହ ଯେଉଁମାନେ ହେଲମେଟ୍ ପିନ୍ଧି ନଥିଲେ ସେମାନଙ୍କୁ ମାଗଣାରେ ହେଲମେଟ୍ ପ୍ରଦାନ ସାଙ୍ଗକୁ ହେଲମେଟ୍ ପିନ୍ଧିଥିବା ସଚେତନ ଗାଡି ଚାଳକଙ୍କୁ ଗୋଲାପ ଫୁଲ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଏଥି ସହ ଗାଡି ଚାଳନା ସମୟରେ ହେଲମେଟ୍ ପରିଧାନ କରିବା ଏବଂ ମଦ୍ୟପାନ ନକରିବା ପାଇଁ ନିବେଦନ କରିବା ସହ ଟ୍ରାଫିକ ନିୟମ ପାଳନ ପାଇଁ ଜନ ସଚେତନତା କରାଯାଇଥିଲା। ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ତତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏଏସଆଇ ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଯୋଗ ଦେଇ ଜନସଚେତନା ସୃଷ୍ଟି କରିଥିଲେ।

